# ଖାରବେଳ

# ଗ୍ରଂଥ ପ୍ରବେଶ

ବର୍ତ୍ତମାନ ଯାହାକୁ ଓଡ଼ିଶା ବୋଲି ଆମେମାନେ କହୁଛେ ତାହା ପ୍ରାଚୀନ କାଳରେ ତିନୋଟି ରାଜ୍ୟର ପ୍ରଧାନ ଅଂଶ ଥିଲା । ମେଦିନୀପୁର, ମୟୂରଭଂଜ, କେଂଦୁଝର, ସିଂହଭୂମି, ମାନଭୂମି ପ୍ରଭୃତି ନେଇ ମେଦିନୀପୁରର ସମୁଦ୍ର କୂଳଠାରୁ ଗୟା ଜିଲ୍ଲା ପର୍ଯ୍ୟଂତ ପ୍ରାଚୀନ ଉତ୍କଳ ଦେଶ । ବର୍ତ୍ତମାନ ଓଡ଼ିଶାର ମହାନଦୀର ଦକ୍ଷିଣ ଗଡ଼ଜାତମାନ ଢେଂକାନାଳ, ଅନୁଗୁଳ, ହିଂଦୋଳ, ସଂବଲପୁର, ରାୟପୁର ପ୍ରଭୃତି ନେଇ ପ୍ରାଚୀନ ଓଡ୍ରଦେଶ ଥିଲା । ଏଠାରେ ବହୁକାଳ ବ୍ୟାଘ୍ରରାଜ ବଂଶ ରାଜପଣ କରୁଥିଲେ । ବାଲେଶ୍ୱର, କଟକ, ପୁରୀ, ଗଂଜାମ ଜିଲ୍ଲାମାନଂକୁ ନେଇ ଅତି ପ୍ରାଚୀନ କଳିଂଗ ଦେଶ ।

ଭୁବନେଶ୍ୱର ନିକଟସ୍ଥ ଉଦୟଗିରିରେ ହାତୀଗୁଂଫା ଓ ମଂଚପୁରୀ ନାମକ ସ୍ଥାନରେ ଥିବା ଦୁଇଟି ପ୍ରାଚୀନ ପଥର ଲେଖା ପଢ଼ା ହୋଇଅଛି । ସେଥିରୁ ଜଣାଯାଏ, ଆଜକୁ ପ୍ରାୟ ୨୧୦୦ ବର୍ଷ ତଳେ କଳିଂଗର ଚେତରାଜ ବଂଶରେ ଖାରବେଳ ନାମକ ଏକ ମହା ପରାକ୍ରାଂତ ରାଜା ରାଜତ୍ୱ କରଂତି । ତାଂକର ବଣିକମାନେ ଅଂତତଃ ପାରସ୍ୟ ଉପକୂଳ ପର୍ଯ୍ୟଂତ ସମୁଦ୍ରରେ ବାଣିଜ୍ୟ କରୁଥିଲେ । ସେ ନିଜ ବଳରେ କୁମାରିକା ଅଂତରୀପ ପାଖ ପାଂଡ୍ୟ ରାଜ୍ୟଠାରୁ ହିମାଳୟ ତଳର ମଗଧ ପର୍ଯ୍ୟଂତ ସବୁ ଜିଣିଥିଲେ । ପଶ୍ଚିମରେ ଆଂଧ୍ରରାଜ ସାତକର୍ଣ୍ଣିକୁ ଜିଣି ବୋଂବାଇ ପ୍ରଦେଶ ପର୍ଯ୍ୟଂତ ରାଜ୍ୟ ବିସ୍ତାର ମଧ୍ୟ କରିଥିଲେ । ସେ ଜୈନ ଥିବାର ଅନୁମାନ ହୁଏ; କିଂତୁ ରାଜସୂୟ ଯାଗ କରିଥିଲେ । ବ୍ରାହ୍ମଣମାନଂକୁ ଶାସନ ଦାନ ଦେଇଥିଲେ ଏବଂ ରାଜସୂୟ ଯଜ୍ଞ କରିବା ବର୍ଷ ପ୍ରଜାମାନଂକୁ କର ଛାଡ଼ି ଦେଇଥିଲେ । କେତୁଭଦ୍ର ନାମକ କଳିଂଗ ଅଂଚଳର ଜଣେ ପ୍ରଧାନ ବୀର ମହାଭାରତ ଯୁଦ୍ଧରେ ଯୁଦ୍ଧ କରିଥିଲେ । ସେହି କେତୁଭଦ୍ରଂକର ଗୋଟିଏ ନିମକାଠ ମୂର୍ତ୍ତି କଳିଂଗରେ ପ୍ରତିଷ୍ଠିତ ଥିଲା ଏବଂ ଖାରବେଳ ସେହି ମୂର୍ତ୍ତିର ରଥଯାତ୍ରା ଉତ୍ସବ କରାଇଥିବାର ପ୍ରକାଶ ।

ଭୁବନେଶ୍ୱର କିଂବା ତାହାର ପାଖଆଖ କୌଣସି ସ୍ଥାନରେ ଖାରବେଳଂକ ରାଜଧାନୀ ଥିଲା । ଧୁସି (ଧୃସି) ତାଂକର ରାଣୀ ଥିଲେ । ସିଂଧୁ ନଦୀର ପଶ୍ଚିମ କୂଳରେ ପୂର୍ବ ଆଫଗାନ ସ୍ଥାନରେ ବଜିର ବୋଲି ସେତେବେଳେ ଦେଶ ଥିଲା । ସେହି ଦେଶର ରାଜଧାନୀର ନାମ ସିଂହପଥ । ଧୁସି ସେହି ବଜିର ରାଜାଂକର କନ୍ୟା ଥିଲେ । ୧୫ ବର୍ଷରେ ଯୁବରାଜ ପଦରେ ବସି ଖାରବେଳ ରାଜକାର୍ଯ୍ୟ ଶିକ୍ଷା ଆରଂଭ କଲେ । ୯ ବର୍ଷ ପରେ ଅର୍ଥାତ୍ ୨୪ ବର୍ଷ ବୟସରେ ସେ ରାଜା ହେଲେ । ସେ ପ୍ରାୟ ୩୦ ବର୍ଷରୁ ଅଧିକ କାଳ ରାଜତ୍ୱ କରିଥିଲେ । ଶେଷଜୀବନରେ ରାଣୀ ଧୃସିଂକ ସହିତ ଉଦୟଗିରିରେ ଋଷି ସନ୍ୟାସିପରି ବାସ କରିଥିଲେ । ଉଦୟଗିରିର ରାଣୀ ନଅର, ରାଣୀହଂସପୁର, ଖାରବେଳଂକର ସନ୍ନ୍ୟାସ ବାସପାଇଁ ପଥର ଖୋଳାହୋଇ ତିଆରି ହୋଇଥିଲା । ପ୍ରଥମେ ତିଆରି ହେଲାବେଳେ ରାଣୀନଅର, ରାଣୀହଂସ-ପୁରର ଖଂବ ମାନଂକରେ ଅନେକ କମକୁଟି ହୋଇ

ସୁନା ଛୁଆଣି ହୋଇଥିବା ପ୍ରକାଶ ପାଉଅଛି । ଏହି ରାଣୀନଅର ରାଣୀହଂସପୁର ଛଡ଼ା ଖଣ୍ଡଗିରି, ଉଦୟ-ଗିରିରେ ଆଜି ଅନେକ ଗୁମ୍ଫା ଜୈନ ସନ୍ୟାସିଙ୍କ ନିମଂତେ ଖାରବେଳ ଧୂସିଂକ ଆଦେଶରେ, ରାଜକୋଷ ଖର୍ଚ୍ଚରେ ଖୋଦିତ ହୋଇଥିଲା ।

ପଥରଲେଖାରେ ଖାରବେଳଙ୍କର ଉପାଧି ଐର ବୋଲି ଲେଖାଅଛି । ଖ୍ରୀଷ୍ଟପୂର୍ବ ଶତାବ୍ଦୀମାନଙ୍କରେ କଳିଙ୍ଗର ଅନେକ ରାଜବଂଶ ଐର ଥିବାର ପ୍ରମାଣ ମିଳେ । ଖାରବେଳ ଭୃଗୁସ୍ଥ ଐର ବା ଚେତରାଜ ଐର ବଂଶର ରାଜା ଥିଲେ ।

ନୀଳକଂଠ ଦାସ

ସତ୍ୟବାଦୀ ୧୦ । ୧୧ ।୧୯୨୦

## କାବ୍ୟ—ବର୍ଣ୍ଣିତ ବିଷୟର ସୂଚନା

### ( ୧ )

ପିଲାଦିନେ ଖାରବେଳ ଜଂଗଲରେ ଗୁରୁଙ୍କ ଘରେ ଥିଲେ । ପ୍ରାପ୍ତ ଷୋଡ଼ଶ ବର୍ଷ ବୟସରେ ଯୁବରାଜ ହୋଇ, ପ୍ରଥମେ ଉତ୍କଳ ଓ ଉଡ଼୍ରଙ୍କୁ ଜିଣି, କଳିଂଗ ସଂଗେ ମିତ୍ରଭାବରେ ମିଶାଇ, ସେ ଦେଶର ସୈନ୍ୟମାନଙ୍କ ସହିତ ପାଣ୍ଡ୍ୟ ଜିଣିବାକୁ ଗଲେ । ବୃଦ୍ଧ ପାଣ୍ଡ୍ୟରାଜ କଳିଂଗର ମିତ୍ର ହେଲେ । ସେଠାରୁ ବଣିକମାନଙ୍କ ସଂଗେ ଖାରବେଳଙ୍କ ଲୋକେ ଜାଭା ଓ ବାଲି ପ୍ରଭୃତି ଦ୍ୱୀପମାନ ବୁଲି ଆସିଲେ । ମାତ୍ର ପାରସ୍ୟ କୂଳକୁ ଯାଉଥିବା କଳିଂଗ ବଣିକମାନେ ସିଂଧୁଦେଶ ଉପକୂଳଠାରୁ ପଶ୍ଚିମକୁ ଆଉ ସୁଖରେ ବାଣିଜ୍ୟ କରି ପାରିଲେ ନାହିଁ, ବହୁତ ଦଣ୍ଡ ଦେଲେ, ପୀଡ଼ା ପାଇଲେ । ସେହି ହେତୁରୁ କଳିଂଗ, ଉତ୍କଳ, ଉଡ୍ର ଓ ପାଣ୍ଡ୍ୟର କେତେକ ସେନା ଧରି ପାଣ୍ଡ୍ୟରାଜଙ୍କ ସହିତ ଖାରବେଳ ସିଂଧୁଦେଶ ଆଡ଼କୁ ଯୁଦ୍ଧଯାତ୍ରା କଲେ ।

ସେତେବେଳେ ଆଫଗାନିସ୍ଥାନର ପୂର୍ବ 'ବଜର' ଓ ବେଲୁଚିସ୍ଥାନର ପୂର୍ବ 'ପୁର' ରାଜ୍ୟ ନାମରେ ପ୍ରସିଦ୍ଧ ଥିଲା । ବଜର ରାଜ୍ୟ ମଧ୍ୟ ଏଥିପୂର୍ବେ ସିଂଧୁଦେଶର ପଶ୍ଚିମ ପର୍ଯ୍ୟଂତ ବ୍ୟାପିଥିଲା । ସିଂଧୁଦେଶର ପାତାଳ (ପଟଳ) ବୋଲି ବଣିକ୍‌ନଗରୀ ଥିଲା । ତାହାର ପଶ୍ଚିମକୁ ଯେଉଁ ଦେଶ ଥିଲା, ସେଠାରେ ବହୁକାଳରୁ ଦ୍ରାବିଡ଼ମାନେ କୃଷକରୂପେ ବାସ କରୁଥିଲେ । ଏବେ ମଧ୍ୟ ସେହି ଦ୍ରାବିଡ଼ ବଂଶଧରମାନେ ଦକ୍ଷିଣ ବେଲୁଚିସ୍ଥାନରେ ଅଛଂତି । ସେମାନେ ପୂର୍ବେ ବଜର ରାଜାଂକ ଅଧୀନରେ ଥାଇ, ଦ୍ରାବିଡ଼ ରୀତି ଛାଡ଼ି, ଆର୍ଯ୍ୟବିଧାନ ଓ ଧର୍ମରେ ଚଳୁଥିଲେ । ସେହି କୃଷକ-ଦେଶର ରାଜା (ଗ୍ରାମଣୀ) ବଜରରାଜାଂକର ବଡ଼ ମିତ୍ର ଓ ଆତ୍ମୀୟ ଥିଲେ ।

ଆଲେକ୍‌ଜାଣ୍ଡର ( ସିକଂଦର ) ଚାଲିଯିବାପରେ ତାଂକ ସେନା ଓ ସେନାପତିମାନେ ଆଫଗାନିସ୍ଥାନ ଓ ପାରସ୍ୟର କେତେକ ଅଂଶରେ ବାକ୍‌ଟ୍ରିଆ (ବକତର) ରାଜ୍ୟ ବସାଇଥିଲେ । ଖାରବେଳଂକ ସମୟରେ ଡେମେଟ୍ରିଆସ Demetrius ( ଦତ୍ତିମ ) ନାମକ ସେଠାରେ ଜଣେ ବିକ୍ରମଶାଳୀ ରାଜା, ବଜର, ପୁର ପ୍ରଭୃତି କୂଟଯୁଦ୍ଧରେ ଅଧିକାର କରି ବିଦେଶୀ ବଣିକମାନଂକଠାରୁ ଦଂଡ ନେଉଥିଲେ ଓ ବଜର ରାଜା ଓ ଯୁବରାଜ ରାଜଧାନୀ ହିଂ[illegible]ପୁର ଛାଡ଼ି, କୌଣସି ମିତ୍ରରାଜା ପାଖେ ଆଶ୍ରୟ ନେଇଥିଲେ । ବଜର କନ୍ୟା ଧୂସିଂକୁ କୃଷକପତ୍ନି ଆଦର କରି ପାଳିବାକୁ ଘେନି ଆସିଥିଲେ ।

( ୨ )

ଖାରବେଳ ପ୍ରଥମେ ପାଟଳରେ ଘୁଉଣି କରି ରହି ସେହି କୃଷକମାନଙ୍କୁ ଯୁଦ୍ଧରେ ସାଥୀ ହେବାକୁ ଲୋଡ଼ୁଥାଂନ୍ତି । ଏହିପରି ସମୟରେ ଦିନେ ସନ୍ଧ୍ୟାରେ ଘୋଡ଼ାରେ ଚଢ଼ି, ନଈ ପଶ୍ଚିମ ପାଖେ ବୁଲିବାକୁ ଯାଇ, ଫେରିବା ବାଟ ଜାଣିପାରିଲେ ନାହିଁ । ଅଦୂରରେ କେତେଗୁଡ଼ିଏ କୃଷକବାଳକା ଖେଳୁଥିଲେ ଏବଂ ନଈକୂଳ ପଥର ଉପରେ ଧୂସି ବସିଥିଲେ । ଖାରବେଳ ଯାଇ ଧୂସିକୁ ବାଟ ପଚାରି ଫେରି ଆସିଲେ । ଖାରବେଳ ଫେରିଆସିବାପରେ ଧୂସି କେତେକାଳ ସେହିପରି ପଥର ଉପରେ ସ୍ଥିର ବସି ରହିଲେ । ଏହି ଗଳ୍ପକୁ ଧରି ଏ କାବ୍ୟର ପ୍ରଥମ ଖଣ୍ଡ ଲିଖିଅଛି ।

ତା'ପରେ ଧୂସି ବାଳକାମାନଂକ ସଂଗେ କୃଷକ-ପୁରକୁ ଫେରିଆସିଲେ । ଏଣେ କୃଷକ ପ୍ରଜା ମଧ୍ୟ ଖାରବେଳଂକୁ କୃଷକସେନା ଦେବେ ବୋଲି ଜବାବ କରି ଆସିଥାଂନ୍ତି । କୃଷକପତି ବୁଢ଼ା । ସେନାପତି ହୋଇ କିଏ ସେନା ଚଳାଇବ, ସେଥିପାଇଁ ଚିଂତା ପଡ଼ିଲା । ଧୂସି ପିଲାଦିନେ ମୃଗୟା ପ୍ରଭୃତି ଶିଖିଥିଲେ । ସେ ଗୋପନରେ ବଜିରରାଜପୁତ୍ର ସାଜି, ସେନା ଚଳାଇବେ ବୋଲି ବୁଢ଼ାଂକଠାରୁ ଅନୁମତି ପାଇଲେ ଏବଂ ବଜିରଯୁବକ ବା ବଜିରବୀର ହୋଇ, ସେନାପତି ହେଲେ ।

ଏହି ସେନାପତିଂକ ସଂଗେ କୁମାର ଖାରବେଳଂକର ହଠାତ୍ ଅହେତୁକୀ ପ୍ରୀତି ଓ ଆତ୍ମୀୟତା ଜନ୍ମିଲା । ଯୁଦ୍ଧର ଆୟୋଜନ ହେଉଅଛି, ଏପରି ଅବସରରେ ଜଣେ ସୁଗତ (ବୌଦ୍ଧ ଓ ଜୈନ ସନ୍ୟାସିମାନଂକର 'ସୁଗତ' ଓ 'ଆର୍ହତ' ନାମ ଥିଲା) ଯୁଦ୍ଧ ନିବାରଣ କଲେ । ଦଭିମଂକୁ ବୁଝାଇବା ପାଇଁ ସେ (ବଜିରରୁ) ଗଲେ । 'ଦଭିମ' କୌଶଳ କରି ସମାଧାନ କରିବାରେ ମଂଗିଲେ ଏବଂ ଖାରବେଳ ପ୍ରଭୃତିଂକୁ ବଜିରକୁ ଆସି ବଜିରରାଜାଂକୁ ଡାକି ଆଣିବାକୁ କହିଲେ । ଧୂସି ବା ସେନାପତି ଏସବୁ କୌଶଳ ବୋଲି ଆଶଂକା କରୁଥିଲେ ହେଁ ଜନ୍ମଭୂମି ଲୋଭରେ ସମସ୍ତଂକୁ ସିଂହପଥକୁ ଡାକିଆଣିଲେ । ଦଭିମ ଏ ଖବର ପାଇ, ରାତିରେ ସିଂହପଥ ଆକ୍ରମଣ କଲେ । ସେନାପତି ଧୂସି ଆଗରୁ ଏହା ଜାଣି କେତେକ କୃଷକ ଓ ଉତ୍କଳ ସେନା ଘେନି ବାହାରିଆଡ଼ିକୁ ଦଭିମଂକୁ ଘେରି ଥିଲେ । ଦଭିମ ଦୁଇଆଡ଼ୁ ଆକ୍ରାଂତ ହୋଇ ପରାସ୍ତ ହେଲେ, ମାତ୍ର ଖାରବେଳ ଯୁଦ୍ଧରେ ଆହତ ହୋଇ ମୃତପ୍ରାୟ ହୋଇପଡ଼ିଲେ ।

ସୁସ୍ଥ ହୋଇ ପାଟଳକୁ ଫେରି, ସେହିଠାରେ ଖାରବେଳ କୃଷକପୁରରେ ଧୂସିଂକୁ ଚିହ୍ନିଲେ । ଏହିଠାରେ କାବ୍ୟର ଏ ଭାଗ ଶେଷ ହୋଇଅଛି ।

ସତ୍ୟବାଦୀ ସ୍କୁଲ
୮।୧୨।୧୯୨୦

ବାସୁଦେବ ମହାପାତ୍ର

# ଖାରବେଳ

## ନମସ୍କ୍ରିୟା

ରାଗ—ଭୂପାଳ

କାହାପେଇଁ ଏ ଜୀବନ-ମଂଚରେ
ଫୁଟେ ବିଶ୍ୱ କଳା ବଇଭବ ?
କାହାପେଇଁ ନକ୍ଷତ୍ର ଏ ଶୂନ୍ୟ ମହାକାଶେ
ନାଚି ଯାଏ ଅନଂତ ବିଭବ ?
କାହାପେଇଁ ଜଡ଼ପିଂଡେ ଫୁଟି ଉଠେ ଦ୍ୟୁତି,
ବିଶ୍ୱରଂଗ ନପୂତ ଲେହଡ଼ଇ ?
କାହାପେଇଁ ବିଶାଳ ଏ ବିଶ୍ୱ ମହାଗୀତି
ରଂଧ୍ରେ ରଂଧ୍ରେ ବିକ୍ଷେପି ଏ ବହି ?

ସେହି ତ ଅମୀୟଧାର ପ୍ଳାବି ମହାଦେଶ
ଭାସିଯାଏ କାଷ୍ଠାଣୁ ବିଗ୍ରହେ,
ବ୍ୟାପି ମହାକାଳକାୟା ଅନଂତ ସ୍ରୋତରେ
ଇତିହାସ ମାନଦଂଡେ ଶୋହେ ।
କୈରବ ବିଷ୍ଣୁର ଲୀଳା କରଇ ଗଣନା
ସେହି ପୁଣି ଦିଗ୍‌ଦେଶ ଆବର;
କ୍ଷୁଦ୍ର ବୃହତ ଲୀଳା ଭବେ ତାହାର ବିଳାସ
ଜ୍ୟୋତିଷ୍କ-ଆବର୍ତ୍ତନ ଘୋଷେ ।

ବହିଯାଏ କାଳଚକ୍ରେ ଯୁଗ ପରଂପରା
ମାନବ ତା' ଲେଖୁଛି ଗରବେ;
ଅଚଳ ଭୂଧର କେତେ ଉଠେ ପଡ଼େ ନିତ,
ଜଞ୍ଜାଳ ତା' ଗଣ୍ଡିତ ବିଭବେ ।

ଇଂଦ୍ରିୟ ଦୁଆରେ ମନେ ବାଣୀ ଉଦ୍ୟୋତନେ
ଅନଂତ କି ବିଶ୍ୱର ରହସ୍ୟ
ପରହଂସ ଗଣି ନର ଆତ୍ମ ପ୍ରସାରଣେ
ଜଗତରେ ସୃଜେ ଇତିହାସ ।

କି ରହସ୍ୟ ଉଚ୍ଛ୍ୱସଇ ଗୀର୍ବାଣ ବିଭୂତି,
ମାନବର ଭାରତୀ ବିକାଶ ?
କି'ବା ସେ ଭାରତୀ କଳା କି ବୁଝେ ତା' ନର
ମାନସର ସେ ମହାବିଳାସ ?

ସେ ବିଳାସେ ଫିଟି ମମ ସେଇ ସେ ଶକତି,
ସେ ରହସ୍ୟ, ସେ ଅନନ୍ତ ଗତେ,
କାଳ ପରଂପରା ଫେଡ଼ି ଜୀବନ ପ୍ରସାରେ
ଭାତିଉଠୁ ପୂର୍ଣ୍ଣ ଆତ୍ମତପେ ।

ପଡ଼ିଯାଉ ବିଶ୍ୱରଂଧ୍ର କବିତାର ଧାରା
ଏ ଜୀବନ ଅନଂତ ଉନ୍ମେଷେ;
ମିଶିଯାଉ କ୍ଷୀଣ ଏଇ ମାନବ ସାଧନା
ଦ୍ରଷ୍ଟାର ସେ ଅନଂତ ବିଳାସେ ।

ବିଷମ ଏ ସର୍ଗଲୀଳା, ସମ କିଏ ଭୁଂଜେ,
ରହସ୍ୟର ପୂର୍ଣ୍ଣ ଅବଂଶତେ ?
ସେ ରହସ୍ୟ ପୂର୍ଣ୍ଣସୂତ୍ରେ କ୍ଷୁଦ୍ର ଏ କଳ୍ପନା
ମିଶିଯାଉ ଅନନ୍ତ ସାଗରେ ।

## ପ୍ରଥମ ଛାନ୍ଦ

ରାଗ—ବସନ୍ତଶ୍ରୀ

ଅନନ୍ତ ସାଗରେ ପୋତ          ଭାସଇ ହରାଇ ପଥ
ନୁଆଇଣ ଶ୍ଳଥ ପାଲ ମଥା;
ମୃଦୁଶ୍ୱାସେ ସମୀରଣ          କାହୁଁ କରେ ସମ୍ଭାଷଣ,
ଦିଏ ଯାରେ କି ମୁଗଧ ବାରତା ।

ଫୁଲାଇ ହୃଦୟ-ରଙ୍ଗେ,          ଭାସେ ସେ ସମୀର ସଙ୍ଗେ,
କ୍ଷୀଣକାୟ ବହିଯାଏ କାହିଁ ?
ନିରାଶେ ବୋଇତ ବାଲା          ଭାଳଇ ଅତଳ ଲୀଳା
ପୁଣି ସେହି ସମୀରଣେ ଚାହିଁ ।

ଶିଶିର କଦନ (୧) ଘୁଞ୍ଚୁ          ସଦ୍ୟ ଚୂତଲତା ଗୁଚ୍ଛ
ମଧୁଶ୍ୱାସେ ବିକାସେ ମୁକୁଳ;
ମୃଦୁମଧୁ ଯାଏ ବହି,          ପୁଣ ସେ ଶିଶିରେ ରହି
ଚୂତ ଯଥା ହୁଅଇ ବିକଳ;

ସରସ ପରଶ-ରସ          ମୁକୁଳର ମଧୁହାସ
ପିବ କି ଶିଶିର ହିମେ ପୋଡ଼ି,
କମ୍ପା ଗୋ ସରଳା ତେବେ          କି ଲଭି ପରାଣେ ଲଭେ
ନିରାଶ ନୟନେ ଯାଅ ସଡ଼ି ?

ଏହି ତ ସେ ସିନ୍ଧୁନଦୀ,          ଜଳବେଣୀ ଶିଳାଭେଦି
ବହିଯାଏ ପଟଳ (୨) ମେଖଳା;
ଶ୍ୟାମ ଉପଳିତ (୩) ସେହି କମ୍ରଭଙ୍ଗେ (୪) ଶୋହେ ରହି
ନୀଳନଭପଟେ ଗିରିମାଳା;

ସେହି ସେ ସାନ୍ଧ୍ୟ ସମୀର          ସଇକତ କରି ଜୁର
ସାଗର ଶୀକରେ ଲେପେ ତନୁ;
ସେହି ତ ବାରୁଣୀ-ପଟେ          ସପ୍ତବର୍ଣ୍ଣ ପଡ଼େ ଉଠେ,
ଗିରିଶୃଙ୍ଗରେ ସୃଜ ଇନ୍ଦ୍ରଧନୁ;

ସରଳା-ସଜନୀକୁଳ          ଦ୍ରାବିଡ଼ ବାଳିକାମେଳ
ସେହି ତ ସେ ଖେଳନ୍ତି ଅଦୂରେ,
ଅନ୍ଧାର ଆଗମ ପଥେ          ପସାରୀ ବିଙ୍ଗତ ପଟେ
କି ନିରେଖି ରହିଚ ଗୋ ବାଳେ ?

ଦେଖି ନାହିଁ କି ଜୀବନେ          ସାଦି (୫) କଦମ୍ବ ଗମନେ
ବନପଥେ ବାଟବଣା ଜନେ ?
ଶୈବାଳ ଚୂର୍ଣ୍ଣ କୁନ୍ତଳେ          ଛୁଇଁ ଗୁରୁ କରତଳେ
କି ଦେଖୁଛ ନିଶ୍ୱସି ମଉନେ ?

କିବା ଦେଖି ଥରେ ଥରେ          ଚମକି ଉଠ ଅନ୍ତରେ
ଚଳ ଜଳ ପ୍ରତିକାଶ (୬) କମ୍ପେ ?
ଦୂରେ ଦେଖ କି ମାଧୁରୀ? ଚାହେଁ କି କେ ପଛେ ଫେରି
ନର ଯଥା କ୍ଷୁବ୍ଧ ଅନୁତାପେ ?

ଚାହିଁନା ରୂପସୀ ଏତେ          ନିରାଶ ନୟନ-ପାତେ
ଗୁରୁଶ୍ୱାସେ ନ କର ବେଦନା ।
ତରୁ, ଲତା ଗିରିଶୃଙ୍ଗର          ଉନ୍ନତ ଉପଳ (୭) ଶିର
ନୀରସ ଦିଶିବେ ବରାନନା ।

କୁସୁମ ଝରିଲେ ବନେ          କି ରସ ମଧୁପବନେ,
ଶୀର୍ଣ୍ଣ ପତ୍ର ରସବନ୍ତ ଦ୍ରୁମେ ?
ଯଉବନ ଗଲେ ସରି          କାହୁଁ ସେ ଲାବଣ୍ୟ-ଶିଖା
ବିଭାସିବ କପୋଳ-କୁଙ୍କୁମେ ?

ଦେଖାଅ ସେ କୁଙ୍କୁମର          ଇଙ୍ଗିତ-ତରଳ-ଖେଳ;
ନୟନର ସ୍ୱଚ୍ଛ ଚପଳତା;
ଯୌବନ-ପ୍ଲାବିତ ଉର          ଗୁରୁଶ୍ୱାସ କରେ ଜୁର,
ନିମିଷେ କି ସମ୍ଭବ କବିତା !

---

୧। ପୀଡ଼ା; ୨—ରାଜ୍ୟ ବିଶେଷ ୩—ପଥୁରିଆ । ୪—କୁଞ୍ଚ କୁଞ୍ଚିଆ; ୫—ଘୋଡ଼ସବାର, ୬—ପ୍ରତିବିମ୍ବ, ୭—ପଥର ।

ବସିଛୁ ଚହିବ ମୁହିଁ        ଅଳପେ ସୁଦସ୍ପା ବନ୍ଧୁ,
ଫେରାଅ ସେ ବିଷାଦିତ ମୁଖ;
ସଂଗିନୀର ଦଳେ ମିଶି,        ଯାଅଗୋ କୁଟୀରେ ହସି,
ଝାଉଁଉଠୁ ଯୌବନ ମୟୂଖ । (୧)

କାହାରେ ଖୁଣ୍ଟିଚ ସଖି,        ଭଲ ଭଲ କି ନଯୁତ ?
କଳିଂଗର ଯୁବରାଜ ସେହୁ;
ତୁଂଗବର ଖାରବେଳ        ରଣେ ବହୁ କୁତୂହଳ
ଅବଳା ଗୋ କି ବୁଝିଲ ତହୁଁ ?

କିଏ ସେହୁ ଖାରବେଳ        କାହିଁ କଳିଂଗ ଉତ୍କଳ
କିଂପାଇଁ ସେ ଆସିଲେ ପଟଳେ ? (୨)
ଏକାକିନୀ ବାଳା ପାଶେ        ପରାଣର କି ଆଭାସେ
ମିଳିଲେ ବା ସିଂଧୁ ନଦୀ ତୀରେ ?

———

## ଦ୍ୱିତୀୟ ଖଣ୍ଡ

ରାଗ—ମଙ୍ଗୁଆରି ।

ପ୍ରଦୋଷ-ପାଟଳ        ଲୁଚି ଗଲା ଧୀରେ
ତାମସ ପରୀଟୀ ପୁରେ ?
ଥରି ଥରି ଯାଏ        ଅଫୁଟ ତାରକା
ନଦୀ-ଜଳ-ବେଣୀ-ଧାରେ ।

ଧୀରେ ଧୀରେ ଝରେ        ଶାରଦ ଚଂଦ୍ରମା,
ରଜତେ ଧବଳ ଦେଶ;
ଲାଜେ ଉଦେ ଯଥା        ତରୁଣୀ ବଦନେ
ନବ ଅନୁରାଗ-ହାସ ।

ଉପଳଶୟନେ        ଝରଇ ତଟିନୀ,
ସିଂଧୁ ମୁଖେ ଥରି ଥରି,
ଉପଳ ଆସନେ        ବସିଚ ସୁଂଦରୀ,
ନବ ଅନୁରାଗ ସ୍ମରି ।

ଭାସିଯାଏ କିବା        ପରାଣ ସୁଦୂରେ
କେଉଁ ମହାସିଂଧୁ ଆଡେ;
ଥରି ଥରି ସତେ        ଉଠଇ ମରମେ
ଭାଳ ଭାଗ୍ୟ-ପରିହାସେ ।

ମୋହନ ତରୁଣ        ବସଂତେ ସୁଧାଂଶୁ
ଢାଳି ଦେଲା ସୁଧାଧାର;
ବର୍ତ୍ତୁଳ ତରୁଣୀ        କପୋଳେ ଫିଟିଲା
ସିଂଦୂର ପାରଦ ତୋର ।
ପ୍ରଦୋଷ-ମଧୁର        କ୍ରୀଡ଼ା କଉତୁକ
ଆସିଲେ ସଂଗିନୀ ସାରି,
ଆନ ମନେ ଧୂର୍ପି (୩)        ଦେଖି କେ ଚତୁରୀ
କହେ ନବ ରଂଗେ ଛଳି;

"ଜାଣିଛୁ ଜାଣିଛୁ        ବାଟବଣା ଯୁବା
ଆସି କହୁଥିଲେ କଥା;
ରାଜବାଳା ତୁହି,        ରାଜ ସୁତ କି ସେ,
ଦେଲେ କି ପ୍ରାଣ ବାରତା ?"

ଶୁଣୁ ଶୁଣୁ ତାର        ସରମ ପାଟଳେ
ଫୁଲି ଯାଏ ତିଳ ନାସା;
ଅଳପ ମଉନେ        ସଂଭାଳି ସରମ,
କହେ ଧୀରେ ବରଯୋଷା,
"ରାଜବାଳା ମୁହିଁ,        କହିଲ ସୁଂଦରି
କିଂପା କର ପରିହାସ ?
କିଂପା ଏ ପରାଣେ        ସେ ସ୍ମରଣେ ସଖି
କର ଏ କଟୁ ସଂଭାଷ ?
ଅଳପ ବୟସେ        ସରି ଯାଇଅଛି
ଏ ଜୀବନ ମଧୁ ମାସ;
ଅଳପ ପରଶେ        ମଉଳି ପଡ଼ିବ
ଏ ଫୁଲର ମଧୁ ହାସ ।"

---

୧ । କେୟାଉ, ୨ । ପଟଳ ନାମକ ବଣିକ ନଗରୀ । ୩ । ଦ୍ରାବିଡ଼ କନ୍ୟାର ନାମ ।

ଏତେ କଚ୍ଛ ବାଳା, ଗୁ ରୁଶ୍ୱାସ ଗୁଚ୍ଛ,
ଅଚଂଳେ ପୋଛୁଲେ ଆଖି;
ଦ୍ରାବିଡ଼ ଲଳନା ବୁଝିଲେ, ମରମେ
ଗଲା ପରିହାସ ଲଖି ।

ପ୍ରାବୃଟ (୧) ନଶିଥେ ଚଂଦ୍ର ଚାପ ସରି
ଫୁଟିଥିଲା ଅନୁରାଗ;
ମାରବ (୨) ସିକତା ଭରି, ଭାସିଗଲା
କ୍ଷୀଣ ବିଂଦୁ-ପାତେ ମେଘ,

ଖର ରବିକରେ ଫାଟିଲା ସତେ କି
ନବ-ପ୍ରେମ-କୁହେଳିକା,
ସ୍ମରଣ ପଲକେ ଝାଉଁଳି ପଡ଼ିଲା
ବିଷାଦେ ଧୂସ୍ରି ବାଳିକା ।

ଚନ୍ଦନ ବନସ୍ତେ କଠୋର କୁଠାରେ
କାଟିଲେ ପାଦପ ମୂଳ,
ପବ ଦୋହଲାଇ ଝଂକାରେ ଝଂକାରେ
ସଂଭାଷଂତି ତରୁକୁଳ;

ପଡ଼ିଯାଏ ତରୁ ଝଂକାରେ ସରବେ
ଚଂମକ ଦୁଅଂତି ଥିରା,
ପରିହାସ ଏତ, ଚକିତ ସରବେ
ହେଲେ ଦେଖି ଲୁବ୍ଧ ଧୀରା ।

କିଂପାଇ ଜାଣିବେ ଦ୍ରାବିଡ଼ ବାଳିକା
ଆଦର ଥାଆଂତି ପଲ୍ଲୀ,
ରାଜବାଳା ବୋଲି କରଂତି ସଂସ୍କାର
କେତେ କଉତୁକେ ଭୁଲି ।

ଜନପଦ ରମ୍ୟ ସରଳ ବେଶରେ
ଭୁଲିଯାଏ ଧୂସ୍ରି ବାଳା;
ମରମେ ଲୁଚାଇ ରଖିଥାଏ ସଦା
ପୁର କଇଶୋର ଲୀଳା ।

କିଏ ସେ କହିବ, କିଂପାଇ ସେ ଆଜ,
କି ଭାବେ ହୋଇ ଅଧୀର ?
କି ସଂଶୟ ଲଭି ଅଲକ୍ଷ୍ୟ ସ୍ମରଣେ
ଭାଙ୍ଗୁଥିଲା ରାଜପୁର ।

ଦ୍ରାବିଡ଼ ବାଳିକା ପରିହାସ ଖେଳେ
ଅଲକ୍ଷେ ଫୁଟିଲା ପୁଣି;
ସେହି ବିଷାଦର କଠୋର କାରତା
ରାଜବାଳା ନାମ ଶୁଣି ।

ମେରୁ ପରବତ— ମୁକୁଟେ ତୁହିନ (୩)
ଥିଲା ଶିର କ୍ରମେ ଜଡ଼,
ଧୀର ଭୂମିକଂପେ ଟଳୁଥିଲା ସତେ
ନହାର ଭୁଂଗ (୪) ଶିଖର,

ଗୁରୁପାତେ ଏକ ଫାଟିଗଲା ମୂଳ,
ଘଡ଼େ କବା ଚୂଳ ଗୁଡ଼;
ତୁହିନ-ଶିଖର ଶୋଭା ପୁଲକିତ
ଉପକଂଠ ଯାଏ ମାଡ଼ି ?

ନ ପାଅ ଗୋ ଧୂସ୍ରି ବେଦନା ଏସନ
ଏ ନବ ବୟସେ ତବ,
ପାହାଂଡ଼ କାକର ନ ସହିଲେ କାହିଁ
ସଜଫୁଲ ବିକାଶିବ ?

---

୧ । ବର୍ଷାକାଳ, ୨ । ମରୁଭୂମ । ୩ । ତୁଷାର ୪ । ଉଚ୍ଚ ।

## ତୃତୀୟ ଭାଗ

### ରାଜ-ଆବାସ-ଖଂଡବୃତ୍ତ

ଗ୍ରାମର ବାଳକା ମରମେ ମରମେ
ବହି ଅନୁତାପ କୁଟୀର-କରମେ;
        ଘରେ ଆସି ନାନା ଭାବନା ଧରି,
ଅଳପେ ଅଳପେ ପୁଚ୍ଛିଲେ ସରଳା,
କହୁଥିଲ ପରା, "ଧୂସି ରାଜବାଳା"
        ଶୁଣି କଂପା ଦୁଖେ ଗଲା ସେ ସରି ?

କହିଲେ ଅଳପେ ଚମକି ଜନକ;
"ରାଜବାଳା ବୋଲି ଜାଣଂତି ତ ଲୋକ,
        ଦୁଃଖ କଂପା ତହିଁ ହୋଇବ ତା'ର ?
କହ କହ ଧୂଁନି, * କି ହୋଇଛି ଆଜ ?
ଧୂସିମା' ପରାଣେ ଯାଇଛି କି ବାଜ ?
        ନ ଜାଣିଲ ତୁମେ ବାଳିକା ମେଳ ।

ବନଗ୍ରାମେ ଥାଅ କୃଷକ ବାଳିକା,
ରାଜବାଳା-ନାମେ ନ ଯାଅ ଲୋ ଏକା,
        କି ହୋଇଲା ଆଜ କହ ମା ଫେଡ଼ି ।
ରାଜବାଳା ସେତୁ ନିୟୁତ ରୂପାକେ
ରହିଛି ମନ୍ଦନେ ଗ୍ରାମପତି ପାଖେ,
        ଖେଳୁଛି ଏ ଗ୍ରାମ ବାଳିକା ଭଳି ।

ଥିଲା ତା ନଗର ରାଜର ମନ୍ଦିରେ
ଶତଦାସୀ ସେବା କରୁଥିଲେ ତାରେ,
        ଖେଳୁଥିଲା ସେହୁ ମଣି ମାଣିକେ ।
ହାନ୍ତିଲା କପାଳ ଅଳପ ବୟସେ
କାନ୍ଦିଗଲେ ବାପ ଘର କେଉଁ ଦେଶେ ?
        କହୁଛି ସରଳା କୃଷକ ପାଖେ ।"

"କି ହୋଇଛି ବାପା, କଂଣା ଭାଗ୍ୟରେ
କାହିଁଗଲେ, ତାଙ୍କୁ ଏଥି ଛାଡ଼ିଦେଇ,
        କାହିଁ ଗଲା ସବୁ ମଣି ମାଣିକ ?
ଦାସୀ ପରିବାର ନଗର ମନ୍ଦିରେ
ରହିଲେ କେସନେ, ଗଲେ ବା କୁଆଡ଼େ,
        ରାଜବାଳା, ସେବା କେସନ ସୁଖ ?

"କୃଷକ ବାଳିକା କି ବୁଝିବୁ ତୁହି ?
କୁଟୀର ଆଦର, କଳନ ଥାଉ ଭଲ,
        ରାଜପୁରୀ ଦେଖି ଜାଣୁ ଜାଣିବେ ।
ଦେଖିଛୁ ପଣ୍ଟଣେ ବଣିକ ନିବାସ,
ତାଙ୍କୁ କହ କଳ ରାଜପୁର ବାସ,
        ଦୋକାନ ବଜାରେ ଚଳଂତି ଜନେ ।

ଏଠାପରି କେହି ନ କରଂତି କୃଷି
ନ କରଂତି କେବେ ପରିଶ୍ରମ ଆଶ,
        ପେଟ ପାଂଇ ରାଜପୁର ମାନବେ ।
ଧନ ଦେଇ ସବୁ କିଣଂତି ବଜାରେ,
ଭୋଗ କରୁଥାଂତି ସୁଖେ ରହି ଘରେ,
        ଖାଇବାର ଚିଂତା ନ ଥାଏ କେବେ ।

ଜାଣି ତ ଥିବୁ ଏ ବାଳୁତ ବୟସେ,
ଦିଅଂତି କୃଷକେ ବରଷେ ବରଷେ ।
        କର ବୋଲି ଧନ ରାଜନେ ନେଇ ।
ଏହିପରି କେତେ କେତେ ଗ୍ରାମଧନେ
ରହଂତି ରାଜନ ପୁର ଜନମାନେ,
        ଦାସ ଦାସୀ କେତେ ଥାଆଂତି ତହିଁ ।

---

* ଧୂଁନି—ଧୂସିର ସଙ୍ଗୀ ବାଳିକା ।

ସମାନଟି ସଦା ନ ଥାଏ କପାଳ,
କାହୁଁ ଆସି ଘୋଟେ ନିଦାରୁଣ କାଳ,
ନିମିଷେ ହୁଅଇ କଣ୍ଟକ ଜୁର ।
ପୂରବ ସେ ସୁଖେ ବଢ଼ଇ ଯେ ଧନେ,
ଭାଗ୍ୟଆଣି ତାକୁ ରଖେ ଅଯତନେ,
ନିୟତି ଏ ଭବେ ବଡ଼ ନିଠୁର ।

କି ବୁଝିବୁ ମାଆ ଏ ତୋର ବୟସେ ?
କହ ମୋତେ ଧୂସି କେଉଁ ରଂଗରସେ,
ସୁମନ୍ଦ୍ର ଉଠିଲା ରାଜଭବନ,
ବଡ଼ ଗୁଣର ସେ ରାଜନ-ଦୁହିତା,
ଶତ ଅପରାଧେ ନ କହେ ସେ କଥା,
ଦୁଃଖ ତ ଜୀବନେ କରନ୍ତି ଧନ !

ଏତେ ସବୁ ରହେ ଆନନ୍ଦ-ଉତ୍ସବେ,
ପରିହାସେ ତାକୁ କି କହିଲ ସବେ ?
କହ ମୋତେ ହିନ ସବୁ ତୁ ଫେଡ଼ି ।"
ଶୁଣିଲା ବାଳିକା ଥରି ଥରି ହୃଦେ,
ପରାଣେ ତାହାର କି ହୋଇଲା ଉଦେ ?
ଲୁହଧାରେ ବାଳା ପଡ଼ିଲା ଝରି ।

କାଂଦି କହେ ବାଳା, "ଆସିଥିଲେ ଯୁବା,
ଘୋଡ଼ାରେ ବସି, ସେ କିବା ମନ ଲୋଭା;
ନଈକୂଳେ କସ ପୁଛିଲେ ତାରେ ।
ଚାଲିଗଲେ ଯୁବା, ରହେ ଧୂସି ଚାହିଁ
ଏକଲୟେ ନଈ କୂଳେ ବସିରହି;
କେତେକାଳେ ଆସେ ଫେରସଭରେ ।

ଧୂସି ବାଳାମୁଖେ ଦେଖି ସେ ବିରସ,
ସଜନୀଏ କଲେ କେତେ ପରିହାସ,
କହିଲି ମୁଁ ତହୁଁ ଇଂଗିତ କରି;
'ହେଲଣି ତ ଧୂସି ବିବାହ ବୟସେ
ରାଜବାଳା ତୁହି, ରାଜସୁତ କସେ ?
ଏତେକେ ଗଲା ସେ ମରମେ ସଢ଼ି !

ଜନକ ଶୁଣିଲେ, କିଛି ନ କହିଲେ;
ଗୁରୁଶ୍ୱାସ ଛାଡ଼ି, ଅଳପ ଚାହିଁଲେ
ଫିଟିପଡ଼େ ହିନ-ସରଳ-ପ୍ରାଣ ।
ସେ ପରାଣେ କାହିଁ ଛଳନା କପଟ ?
କି ଭାବେ ବା ତାରେ କରିବେ ଆକଟ
କିଛି ନ କହି ସେ ହେଲେ ମଉନ ।

---

## ଚତୁର୍ଥ ଛାଂଦ

ରାଗ—ମଂଗଳ ଗୁଜରୀ

ଯାଇଥିଲେ ଗ୍ରାମପତି ପଟେଲ ପୁରେ
ଭେଟିବାରେ ସନମାନେ ସେ ଖାରବେଳେ;
ଅଳପେ ସେ ଖାରବେଳେ କହି ବିଶ୍ୱାସ,
କହିଲେ ବଜର କଥା, ଦଶିମସାସ
କହିଲେ ସେ, ସିଂଧୁ କୂଳେ କରି ବସତି,
ପଟେଳ ଜଂଗଲେ କହି ଦ୍ରାବିଡ଼ ମାନ୍ତି,
କୁଟିଳେ ବରିଲେ କାଳେ ବଜର-ନାଥେ,
ବେଦବିଧି ଆଚରଣ ବଜର-ସାଥେ,
ଆର୍ଯ୍ୟର ଶାସନ ପ୍ରଥା କରି ଆଦର
କୃଷି ରତ ପୋତ ବାହି କାଟିଲେ କାଳ ।
ଯବନ ସେ ସୁଖେ କାହୁଁ ହେଲେ ଉଗାର
ପୁରୁଷେ ପୁରୁଷେ ଗଲେ ରଣ ଆଚରି
ବଡ଼ି ପଣି ଛାଡ଼ି ଯାଏ ଅନୂପ (୧) ଭୂମେ,
ତେସନ ସେ କାଳେ ଯାଉଥିଲେ ଯବନେ;

୧ । ନିମ୍ନ

ମିଶଇ କି ସେ ଅନୂପ ସାଗର ପୂରେ ?
କିଂପା ସେ ଦତ୍ତିମ ମନ ଦେଖିଲ ବଜରେ ?
ରାଜନ ଲୁଣ୍ଠିଲେ ଉପେ ସେ ସିଂହପଥ;
ନ ଜାଣେ କପଟ ରଣ ଆର୍ଯ୍ୟ ମହନ୍ତ ।
ଖାରବେଳେ ଦେବେ ସେହୁ କୃଷକ ସେନା,
ଦାବ (୧) ଦାହେ (୨) ପ୍ରଭଂଜନ ମିଶଇ ଯିନା,
କି କରିବେ, (୩) ପ୍ଳବର ସେ ହୁଅଂତି ଲୀନ,
କଏ ସେ ସମରେ ସେନା ଯିବଟି ଝୁଲ ?
ଥିଲେ ତହିଁ ସେ ତରୁଣୀ ଧୂସି ବାଳିକା,
ଅଭି ଅଭି ସମୀରଣେ ଯଥା କଳିକା ।
ପଡ଼ୁଥିଲା କଳଭର ସୋହାଗ ମନେ,
କି ପୁଣି ସେ ଉଠୁଥିଲା ମୃଦୁ ସ୍ୱପନେ ?
ଜେଜେ ହସୁଥିଲା ସ୍ୱରୁ ସୁହାସ ଛଟା;
କପୋଳେ କୁଂକୁମ ରାଗ ତରୁଣ-ଘଟା
ଝିଂଉଣ୍ଡଲ ଯାଉଥିଲା ମନ ସୁଦୂରେ ?
ବହ୍ନି ଯାଉଥିଲା ଆଶା ପବଣ ପୁରେ;
ନାଚିଉଠୁଥିଲା ହୃଦ ଆଶାର ହାସେ,
ଉଷ୍ଣାଧର ତୁଡ଼ିଲେଖା ଫୁଟେ ନିଶ୍ୱାସେ;
ପଲକେ ପଲକେ ଯୁବ ଲାବଣ୍ୟ ଫୁଟି,
ହସୁଥିଲା ଆନ ଆନ ରଂଗେ ପ୍ରକଟି;
ଫୁଲି ଉଠୁଥିଲା ନାସା ଅଧର-କଂପେ,
ଦୀର୍ଘଶ୍ୱାସ ଫୁଟୁଥିଲା, କି ଅନୁତାପେ ?
ସେଲକ ଦେଖିଲେ ତାହା ବୃଦ୍ଧକୃଷକ ?
ବୃଦ୍ଧଅଂଗେ ଖେଳିଗଲା କିବା ପୁଲକ ।
ନବଲ କାଶରେ (୪) ଖେଳିଗଲା ତରଂଗ;
ଫୁଟିଲା ବଦନେ ଜଳ ନୟନ-ରାଗ ।
ଜାଣିକି ଗୋ ଧୂସି ବାଳା ଅଥପୁ ଏତେ ?
କଟାକ୍ଷେ ଯୁଝିବ କି ସେ ଦତ୍ତିମ ସାଥେ ?
ସେ କଟାକ୍ଷ ଖାରବେଳ ସହିବେ କାହିଁ ?
କିବା ତେବେ ଭଳ ଭଳ ଯାଉଛ ରହି ।

ରମଣୀ-ସୋହାଗ ଲୁହ ତରଳ ରସ;
ରୁକ୍ଷ ସେ ଦତ୍ତିମ ରଣେ କିଂପା ସାହସ ?
କିଂପା ରହ ରହ ଏତେ କହୁଛ ଲୁଚି;
ବାଳ ବାଳ ମୁଖଯୁରେ ସୋହାଗ ରୁଚି ।
ସଂକଟରେ ଛଦ୍ମରଣ ଶିଖିଛ ସତ;
ଥିଲା କି ସେ କାଳେ ସ୍ୱରୁ କଟାକ୍ଷ ପାତ ?
କୁମୁଦ-କୁଂକୁମ-ମଧୁ-ପରାଗ୍ୟ-ରଂଗ,
ଚଞ୍ଚଳ ନୟନେ ସ୍ୱରୁ କୁରଂଗ-ଭଂଗ;
ପବଣର ଶାନ୍ତ ଭାଷା ଇଂଗିତ ଖେଳ,
ତରୁଣ ଲାବଣ୍ୟ-ରସ ତରଂଗମେଳ ?
ଶେଳ କି ପଶିବ ସତେ ଭୀଷମ ରଣେ ?
ସେ ଇଂଗିତେ ଚଳାଇବ ଶାର ସଇନେ ?
କପୋଳେ କୁଂକୁମେ ହସେ କୋପନ-ଜ୍ୱାଳା
ଦେଖାଇ ପାରିବଟିକି ବଜର ବାଳା ।
ଖାରବେଳ ଥିବେ ସଂଗେ, ରଖିବ ମନେ;
ଚଢ଼ିଥିବେ ଅବା ସେହି ତୁରଂଗରଣେ ।
କୋଷୁ କାଢ଼ି କରବାଳ, ଧରିବ ଯେବେ,
ଥରିବ ହୃଦୟ ହାତେ ତରଳ ଭାବେ;
ଆଶୋର ଆଖିରେ ପ୍ରାଣ ଲୋଭିବ ଜୁରି;
ପାରିବ ତ ଉଚ ତେବେ ଶାସ୍ତ୍ର ସମର ?
ବୃଦ୍ଧ ସେ କୃଷକପତି ଜାଣଂନ୍ତି ନାହିଁ;
ରାଜବାଳା ମୁଖେ ଜ୍ୟୋତି ଦେଖଂନ୍ତି ରହି ।
ଗୋପନ ହସରେ ଏବେ ହୋଇଲା ସ୍ଥିର
'ରାଜବାଳା ସଜାଡ଼ିବେ ବଜର-ଶାର' ।
ଦେଖିଛଂନ୍ତି କଉଶଳ କେତେ ସେ ରଣେ,
ସଂକଟେ ଚଳାଇଛଂନ୍ତି ରଣେ ସଇନେ,
ମୃଗୟାରେ ଶିଖିଛଂନ୍ତି ସଂଧାନ-କଳା,
ସେନାପତି ସାଜି ଯିବେ ବଜର-ବାଳା ।
କେହି ନ ଜାଣିବେ ଏକା ବାଳିକା ବୋଲି;
ବଜର ଯୁବକ ବୋଲି ରହିବେ ଭୁଲି ।

---

୧ । ବନାଗ୍ନି  ୨ । ପବନ  ୩ । ବୃଦ୍ଧ  ୪ । ପୋଖରୀ ।

ଭୁଲି ତ ପାରିବ ବାଳା ପରାଣ ତବ,
କ୍ଷଣେ କ୍ଷଣେ ଖାଉବେଳ ଯେବେ ଦେଖିବ ?
ସଂକଳ୍ପର ଏ ସାହସ ଯିବଟି ଛୁଟି;
ଅଲକ୍ଷ୍ୟ କଟାକ୍ଷ ଯିବ ମରମେ ଫୁଟି ।
ବୃଦ୍ଧ କାହୁଁ ବୁଝିବେ ସେ ତରୁଣ ଗତି,
ଅନୁରାଗ ଇଂଗିତର ତରଳ ସ୍ମୃତି ?
ସେ ତରଳ ରସେ ଯବେ ଏ ହୃଦ ପଡ଼ି,
କେମଂତେ ସମ୍ଭବ ବାଳା କୁସୁମ କଡ଼ି ?
ରମଣୀ ରହସ୍ୟ ଭବେ ଜଟିଳ ବଡ଼,
ସୁକୁମାରୀ ରମଣୀର ଅସୀମ ବଳ ।
କାଳୀ , ଚଂଡୀ, ସେହି, ସେହି ଭୁବନେଶ୍ୱରୀ
ଗିର୍ବାଣ-ସଂଯମ-ନାଶୀ ସେହି ଗଉରୀ !
ଯାଅ ତେବେ ରଣରସେ ବଳିର ବାଳା,
ନ ସାଧି କରମ କେବେ ନ ଦେବ ଧରା ।

—0—

## ପଂଚମ ଖଂଡ

### ରାଗ—ଆହାରୀ (ଭଂଗବୃତ୍ତ)

ପଲ୍ଲୀବନ ଭେଦ ଘୋଷିଲା ରଜନୀ,
ଚନ୍ଦ୍ର ତଳେ ତଳେ ଶବଳ ସ୍ୱଂଦନୀ;
ଅସ୍ଫୁଟ ବିତାନେ ପ୍ରାଂତର କେଦାର,
ଯତନ ଢାଙ୍କିଲା ତଳ, ବାଟ, ବାଡ଼;
ଡେଣା ମେଲି ବୃକ୍ଷ ପକ୍ଷୀ ଯାଏ ଉଡ଼ି,
ଶ୍ୟାମଳ ସ୍ୱଂଦନୀ ଉଡ଼ଇ ବାଦୁଡ଼ି,
ଚନ୍ଦ୍ରତାଳେ ଫୁଟେ ପଡ଼ନ୍ତି ନିସ୍ୱନ,
ପ୍ରଣୟ ପରାଣେ ସ୍ଫୁରଣ ଯେସନ,
କଳ କଳେ ନଈ ଦୂରେ ବହିଯାଏ;
ନବଯୋଗୀହୃଦେ ବାସନା ପରାଏ,
ପିକତା ଉପାରେ ବହେ ସମୀରଣ,
ପଲ୍ଲୀ କୁଂଜବନେ ଶୁଭେ ଶନ ଶନ ।

ବୁଡ଼ାଇ ସେ ନାଦ ଉଠଇ ଚହଳ
ଗ୍ରାମବାଡ଼-ପଲ୍ଲୀନେ ଶୁଭେ କୋଳାହଳ;
ଗ୍ରାମେ ଆଜ ଏ କି ନୂତନ କଥା ?

ହକର ଲକ୍ଷଣ ଗ୍ରାମ ପଞ୍ଚଂକର,
ରୁଂଡ ହୋଇଛଂତି ଯେତେ ଯୋଧବର ।
ପ୍ରସ୍ତାବେ ପ୍ରସ୍ତାବେ ଉଠେ ପ୍ରତିବାଦ,
ପ୍ରାଚୀନ କେତୁଣି ଭୁଟାଏ ବିବାଦ ।
କାହିଁକି ହକର, କାହିଁ ଏତ୍ତମେଳ,
କବା ଏ ପ୍ରସ୍ତାବ, କାହିଁ କଳଗୋଳ ?

ଗଭୀର ନିଶୀଥ, ସୁପ୍ତ ଧରାରାଣୀ,
ଖସୁଅଛି ଚଂଦ, ଧବଳ ବାରୁଣୀ ।
ଏ ତ ନୁହେଁ ସଭା କୋଳାହଳ କାଳ,
ଏ କାଳେ କୃଷକେ ନ ଲାଗେ ଜଂଜାଳ ।
ଜନାଂତ ଆରାମେ କାହିଁ ଏ ବ୍ୟଥା ?

ଆଜ କାହିଁ ତେବେ ଏ ନବ ଜନତା ?
କଥାକେ କଥାକେ କାହିଁ ଏ ମମତା ?
କହେ କିଏ; "ବୁଝେ ଭଲ ମଂଦ ପଣ;
ବୁଝ, ସେ କଳଂଗେ କେମନେ ରାଜନ;
କେଉନ ବେଶରେ ପାଳଂତି ମହୀ ?"

ଆନ ବୋଲେ, "ବୁଝି କି ପାଇବ ତହିଁ ?
ସଂଗତେ ଯୁଝିଲେ ଜାଣିବ ତ ସେହୁ,
ରଖି ପାରିବ ତ କୃଷକ ମହତ;
ଯବନେ ତ ସେହୁ ହେବ ସମରଥ;
ତେବେ କାହିଁ ଏତେ ସଂଶୟ ତହିଁ ?"

କେ ବୋଲେ "ଏସନ ଅଳସେ ବିଶ୍ୱାସ
କରିବାରୁ ଏଥି, କଲ ହେ ସାହାସ
ଏତ ନୁହେ ସତ-କୁଶଳ-କରମ;
ଏ ବୁଦ୍ଧି କରେ କି ଯବନ ନରମ,
କି ସାହସେ ରାଇ କହ ଏସନ ?

ଦକ୍ଷିଣ ସାହସୀ ଦୂର ଦେଶ-ବୀର,
କେତେ ଦେଶ ଜିଣି କଲା ନାରଖାର,
ବଳବନ୍ତ ରାଜ, ଖଣ୍ଡଣ ସେ ଦଣ୍ଡ,
ସରଳ ବିଶ୍ୱାସୀ କି କରିବ ତାର ?
  ଜାଣନ୍ତି କି ତାର ବଂଚକ-ପଣ ?

ଜିଣିଥିଲା ସେହୁ ବଙ୍ଗର-ରାଜନେ,
କେତେ କଉଶଳ ଆଚରି ଗୋପନେ,
କୁଟିଆଣୀ ଦେଇ ଛନ୍ଦ ଜାଲପାଶ,
ଆବାହନେ ଦେଇ ମିଥ୍ୟା-ଆଶ୍ୱାସ,
ବାନ୍ଧିଦେଲା କେତେ କେତେ କଉଶଳେ,
ବଖାଣିବ କିସ, ଦେଖିଛ ସକଳେ
  ହେବ କି କଳିଂଗ ସେ ତହିଁ ଜୟ ?

ବିଶ୍ୱାସେ ପଶିଲା ଗିରିଦୁର୍ଗ ଭେଦ,
ଗୁପତେ ଆଗରୁଁ ରଖିଥିଲା ସାଦ,
ଧନୁବାଣଧର ବଙ୍ଗର-ସଇନେ,
ଆଗେ ଯୁଝିଲେ ସେ ବଙ୍ଗର ରାଜନେ ।
  ଧର୍ମଶାସ୍ତ୍ରରୁ ତହିଁ କରିବ କିବା ?"

କେହୁ ବୋଲେ, "ଜଳେ କଳିଂଗ ମହତ,
ତା ସଙ୍ଗେ ଉତ୍କଳ ଚଢ଼େ ପରବତ;
ଚଢ଼ିଯିବେ ଯେବେ କାଲ୍କା-ରଥାନେ,
ଦକ୍ଷିଣ ସଂଗତେ ପାରିବେ କି ରଣେ ?
  ପାରିବେ କି ଜିଣି ଯବନ ବଳେ ?

ଝଂକାଳ ବନ୍ଧନ ବିପିନ-ଭୂତଳେ,
ବିଷବଲ୍ଲୀଭେଦ ଚଣ୍ଡ ଶବରେ
ଶଙ୍କଟ-ସୁଗମ ରାଜଦାଣ୍ଡ ଦେଖି,
ସେହିଁ ସେ ଶବରେ ଯାଉଥାନ୍ତି ଶଂକି;
  ଯବନେ କି ମଣ ତେସନ, ଖରେ ?"

ଗ୍ରାମକେ ରହୁଁ ସକଳେ ଭରସି,
କହେ ଗୁରୁମୁଖେ ଦରହାସ ହସି,
ଅବଜ୍ଞାରେ ଥରି ଉଠେ ତା ଅଧର
ଘୃଣା-ବେଗେ ଟଳି ବିଶେ ଉଦର;
ଜ୍ୱଳନ୍ତ ତାରକା ଫୁଟଇ ନୟନେ,
ଦୃଢ଼ପଣ-ରେଖା ଫୁଟଇ ବଦନେ,
  ଜନତା ବୁଝାଇ ଫୁଟେ ସେ କଥା ।

"ବୁଝିଲେ, ମଣ କି, ଏତେ ଦ୍ରୁତ କରି
ଖାରବେଳ, ସେହୁ ଦକ୍ଷିଣ ଲଗାଇ;
ସିଂଧୁ ପାର ହୋଇ ଆସିଅଛୁ ଏଥି,
କୃଷକ ସଇନେ ହେବ ସେହୁ ସାଥି;
ଗୋପନେ ଆସିବେ ବଙ୍ଗର ଏ ଭୂମ,
ଆପଣେ ଲୁଚିବେ କୃଷକ-ସଇନେ,
ଫିଟି ଆହୁଅଛି ସ୍ୱର୍ଗର ଦୁଆର,
ତେବେ କିପାଁ ଏତେ ସଂଶୟ ଭୟର ?
  ପଦ୍ମଣେ କି ତବ ନ ଫୁଟେ ଆଶା ?

ଦେଖିଛୁ ଆପଣେ କଳିଂଗ ରାଜନେ,
ଦେଖିଛୁ ଉତ୍କଳ କଳିଂଗ ସଇନେ,
ଖାରବେଳେ ମୁହିଁ କହୁଅଛି କଥା,
ବିଜୟେ ତାର ମୁଁ ଜାଣିଛି କ୍ଷମତା,
ଗର୍ଜିଛି କୁରଂଗେ ତା କଟକ ଦଣ୍ଡ,
ଭଣ୍ଡବେଳ ତାରେ ରଖିଛୁ ମୁଁ ଯୋଗ,
ଅନୁଭବେ ତାର ଜାଣେ ବାହୁବଳ,
ଆଜେଟେ ଯୁଝିଛି ରଣ କଉଶଳ,
ବିଶ୍ୱାସେ ଦେଖିଛି ବଢ଼ିବାର ଜନ,
ଗରବେ କହୁଛି ଦୂଂଖ ସଜ୍ଜନ,
  ନ ମଣ ତାହାରେ ସାମାନ୍ୟ ଯୁବା !

ନ ମଣ ତାହାରେ କରବ ହେଳ,
ନ ବିଷର ତାରେ ଅବହେଳନ

ଯୁବକ ସୁଲଭ କରମ ଆଚରି,
କଉଶଳେ କେବେ ନ ଯିବ ସେ ହାରି,
ସରଳ ବିଶ୍ୱାସୀ, ନୁହେଁ ବୁଦ୍ଧିହୀନ,
ନ ଗଣେ ବିପଦ, ସଦା ସାବଧାନ,
ଅରାତି ତାହାରେ କରିବ କିବା ?

କରିବ କି ସେତୁ ଏକାକୀ ସାଧନ,
ଏକାକୀ ସମରେ ଗୃଳିବ ସଇନ,
ଶତ ବ୍ୟୂହ ଭେଦ ପଲକେ ପଶିବ,
ବ୍ୟୂହ-ମୁଖେ ସ୍ୱାମୀ ଅରାତି ନାଶିବ,
ଗିରିଦୁର୍ଗେ ଯିବ ରାଜ-ଦାଣ୍ଡ ପରି,
ବାଲୁକା ବିତାନେ ସମୀରଣ ସରି,
ଅଛଇ କି ତାର ବିଷମ କଣ୍ଟ ?

ଶୁଣିଛି ବିଷମ ସେ ବୀର ଯୁବକ,
ବାଲ୍ୟରେ ଜଣିଛି ବିଷମ ମୁଲକ,
ବିଷମ ସଂକଟ ଗିରି ଦୁର୍ଗପଥେ;
ଭଦ୍ରସେନା ମାରି ଜଣିଛି ନଶୀଥେ,
ଦକ୍ଷିଣ ମୁଲକ କରି ସ୍ଥିର ଖାରି,
ପୋତିଛି ସେ ଭୂମେ କଳିଂଗ ଡିଗ୍ରୀଳ,
ବଣିକ ସଇନ ଧରି ସିଂଧୁ ପଥେ,
ନାଶିଅଛି ଦସ୍ୟୁ କେତେ ସେ ବୋଇତେ,
ଖାରବେଳ ନାମେ ବିଜୟୀ ଅଛି ।”

ମଣ୍ଡନେ ସରବେ ଶୁଣିଲେ କୃଷକେ,
ଗୀତ ଗାଇ ଗଲେ ଅପାର ପୁଲକେ,
ସେ ପୁଲକେ ଫୁଟେ ରୋମାଂଚ ଶରୀରେ,
କୃଷକ ଗୃହନେ ପୁଲକିତ ସାରେ,
ଉଷାମୁଖେ ଫେରିଗଲେ ଭବନେ ।

ପରାଣେ ପରାଣେ କିବା ସେ ମମତା ?
ଆଶାରେ କିବା ସେ ପ୍ରାପ୍ତ ସ୍ୱାଧୀନତା ?
ଅଲକ୍ଷେ ପରାଣେ ଫୁଟିଲା ଶଙ୍କା
ଉଜଳି ଉଠିଲା ଆଶା ଭୃଂଗ ଜ୍ୟୋତି
ଦେଖେ ଗ୍ରାମପତି ଉତ୍ସବ ମନେ ।

---

## ଷଷ୍ଠ ଛାନ୍ଦ

ରାଗ—କଲ୍ୟାଣ ଆହାରୀ

( ଗୋପୀଭାଷା ବୃତ୍ତ )

ଆଜି ରଜନୀ ଜ୍ୟୋତ୍ସ୍ନା ଧବଳ
ଶୁଭ୍ର ଶରଦେ ଶୋହେ ଚନ୍ଦ୍ରବାଳ ।
ତହିଁ କୁମାର ଶିବିର ଦୁଆରେ
ବସି ଅଛନ୍ତି ପ୍ରହରୀ-ସଂଭାରେ ।
ଅସିଫଳ କୋଷୁଁ କାଢ଼ି କି ମନେ
ଦେଖୁଛନ୍ତି କିବା ଶୂନ୍ୟ ସନ୍ଧାନେ ?
ଅସି ମୁନେ ରଖି ଧରଣୀ ପର
ତହିଁ ଚିବୁକେ ରଖିଚନ୍ତି ଭର ।
ଶନଶନେ ଯାଏ ବାୟୁ ସଂଚରି;
ଭାବେ ପରାଣ ଉଠେ ଥରିଥରି ।
କିଏ ଆସୁଛି ବା ରଜନୀ ଯୋଗେ ?
ଥରି ଥରି ଯୁବା ଦେଖନ୍ତି ଆଗେ ।
ସତେ ମଣନ୍ତି ଆସୁଚି ବଇରି,
କିବା ସଇନେ ଉଠନ୍ତି ଡରି ?
ବନଶ୍ୱାପଦ ଆସୁଅଛି ଅବା,
ଗୁପ୍ତଚରେ ଖୋଜି ପାଆନ୍ତି ଯୁବା ।
ଏ ତ ନୁହେଁ ଖାରବେଳ କରମ,
ଖୋଜି ନୁହେଁ ଖାରବେଳ ଧରମ ।
ଡରି ସେ କେବେ ନ ଉଠନ୍ତି ଥରି,
ଗୁପ୍ତଚରେ ଏତେ ଭୟ ଆଚରି ।

ନିଜ ସଇନ କହିଁ ଯିବେ ବନେ ?
ହିଂସ୍ର ଶ୍ୱାପଦ ଆସିବେ କେମନେ ?
ତେବେ କାହାରେ ଚିନ୍ତିତ କୁମାର ?
କାହା ଆଗମନେ ଏତେ କାତର ?
ଚାହିଁ ପୁଣି ଉଣ୍ଡିଯାଅ କାହିଁକି ?
କିବା ଭାଳୁଥିଲ ମନେ ନାହିଁ କି ?
ଶୂନ୍ୟ ଗଗନେ ପଡ଼ୁଛି ବା ଦିଠି
ଗଡ଼ି ନଦୀରୋଧ ଯାଉଅଛି ତୁଟି ?
ଶତ୍ରୁ ରଣ-ସାଜେ ଆସିଲ ଦେଶୁ ,
ଜିଣି ତାହାର ବଣିକ ବିନାଶୁ ,
ସାଉ-ଧରମେ ଫେରିଯିବ ଘରେ,
ମନେ 'ରଖିବେ ଜନେ ଖାଉବେଳେ ।
ଦେଶଜନେ ହୋଇଅଛି ସଂଶୟ,
ଏଥି ନାହିଁ ତ କରିବି ଭରସ ।
ଲୋକେ ଆଦରିବେ କଳଂଗ ବଳେ,
କଥା କହି ଯାଇଚନ୍ତି ବୃଦ୍ଧଲେ ।
ତେବେ କହିଁ ଆଉ ସାର କୁମାର,
କାହା ଇଂଗିତେ ଦେଖ ଚହବାଲ ?
ବଢ଼ି ବିଷମ କାଳ ଯଉବନ,
ବଢ଼ି ଉନ୍ମାଦେ ଫୁଲାଏ ପରାଣ,
ବଢ଼େ ଅନଂତ ପରାଣ-ପିପାସା,
ଦିଶେ ଗାବଂତ ପରାଣର ଆଶା ।
ସିନ୍ଧୁ ଅନଂତ ଦ୍ୱୀପାନେ ଭାସଇ
ଉର୍ମିଫେନଚୂଳେ ଦେଶ ହସାଇ,
ବହେ ବାଣିଜ୍ୟ-ପବନ ସରସେ,
ତହିଁ ନାବିକ ଭାସଇ ହରଷେ,
ଦେଶ ବନ୍ଦରେ ଭାସି ଯାଏ ତରୀ,
ସେହି ବାଣିଜ୍ୟ ପବନ ଆଦରି ।
ତଳେ କାହୁଁ ଆସି ଭେଟଇ ସୁଅ,
ଜାଣି ନାବିକ ହୁଅଇ ଅଥୟ,
କରି ଲଂଗର ରଖେ ପୋତମାଳ,
ଆଶା-ବନ୍ଦରୁ ଦିଶଇ ଆଡ଼ଳ ।

ସିନ୍ଧୁ ସମାନ ଯଉବନ କାଳେ
ତରୀ-ଯୁବକ ଭାସଇ ଅତଳେ,
ଆଶା ଅନଂତ ପ୍ରସାରେ ଦିଶଇ,
ଲୀଳା ଅନଂତ ଶକତିର ତହିଁ,
ତଳେ ଇଂଗିତ ଫୁଟଇ ମନେ,
ଶୂନ୍ୟ ଦିଶଇ ଧରା ଯଉବନେ ।
ଜାଣି ନ ଥିଲ କି ଯୁବକ ସାର,
ହୃଦ କମିତେ ହୋଇଯିବ ଜୂର ?
କିଣି ଆସିଥିଲ ଏହି ମୁଲକେ,
କିଏ ତୁଂଭଂକୁ କିଣିଲା ପଲକେ
ରଣ କଉଶଳ ଜାଣିତ କେତେ
ଶତ୍ରୁ ସାଧନ କରି କେତେମଂତ୍ରେ,
ହେଲା ଏବେ ଏ ବିଷମ ସମର,
କିବା ପ୍ରତିକାର ବିଚାର ସାର ?

---

## ସପ୍ତମ ଛାଂଦ

### ରାଗ—ରାମକେରୀ

ଫିଟି ଆସୁଅଛି ଗଗନେ ନବ ସିଂଦୁର ବିଭା,
ଫୁଟିଉଠୁଅଛି ଦ୍ୱୀପିକେ ଶୁଭ୍ର ସଂକେତେ ଶୋଭା
ତରୁ-ଚୂଳ ଛାଡ଼ି ଅଂଧାର ଲୁଚି ଯାଉଛି କାହିଁ,
ବାଲୁକା ତଟାନେ ପବନ ସୁଖେ ଯାଉଛି ବହି ।
କୁଂଜ ବିତାନେ ଡୋଳଇ ବନ-ଧବଳ-ଶିଖା,
ଅନୁରାଗ-ରଂଗେ ଗୋଲାପେ ହସି ଉଠେ କଳିକା ।
ଶାରଦଶିଶିର-ସ୍ଫଟିକ-ବିନ୍ଦୁ ପଡ଼ଇ ଧୀରେ
ମୁକୁଳିତ ଫୁଲ ଡୋଳଇ ସ୍ୱଚ୍ଛ ଶିଶିର ଶିରେ ।
ଧୀରେ ବହଇ ସମୀରେ ପୁଷ୍ପ-ସମ୍ମୋହନ-ବାସ;
ଅନୁରାଗ ସେ କି ବିକାଶେ ଲଜ୍ଜା ଭେଦି ସୁହାସ ।
ସୁଖ ଆଜି ଉଠି ଭ୍ରମର ମଧୁ ଗୁଂଜନେ ଭୁଲି,
ବସିପଡ଼େ କେବେ ଭ୍ରମରେ ମୁଗ୍ଧ କଳିକା କୋଳି ।

ମଥା ପୋତିହୁଏ କଳକା ଭୃଂଗ ତଳ ପଡ଼ଇ;
ଉଡ଼ିଯାଏ ପୁଣି କି ରଂଗେ ପଡ଼ ନ ଛୁଇଁ ମହୀ ।
ଶ୍ୟାମତରୁଶାଖା ବ୍ୟଜନେ ହେଲେ ସମୀର ସଂଗେ
ମୋହନ କୂଜନେ ପକ୍ଷୀ ଧୀରେ ଉଡ଼ଇ ରଂଗେ,
କେଦାରେ କେଦାରେ ଫିଟିଛି ସ୍ୱର୍ଣ୍ଣ-ଶସ୍ୟ-ବିତାନ
ଦିଗଂତ ବିସ୍ତାରେ ଉଜ୍ଜ୍ୱଳ ଦିଶେ ବିଶ୍ୱ ମୋହନ ।
ପୁଣ୍ୟ ଏ ବିଶାଳ ବିତାନ ଚୁହିଁ ରହିଛି ଆଜି,
ଶରଦ-ବିମଳ ମୁକୁରେ ଶୁଭ୍ର ଲପନ ମାଜି ।
ଗ୍ରାମ ଛାଡ଼ି କାହିଁ କୃଷକ ଯାଉ ନାହିଁ ତ ବିଲେ;
ସୁକୁମାରୀ ଲତା ଗୋଲାପ ଚୁହେଁ ନୀରସ ଫୁଲେ
ସରଳା କୃଷକ କୁମାରୀ ଉପବନେ ବାହାର
ରଂଗରସ ଖେଳ ବିହାରେ ନ ଦେଖଂତି ମାଧୁରୀ ।
ପ୍ରଜାପତି ଧାଏଁ ଏକାରେ ବସି ବସି ସୁମନେ,
ପଛେ ଧାଇଁବାକୁ ନାହାଂତି କେହି ଆଜି ସେ ବନେ
ଆହା ଧୂସିବାଳା କାହିଁ ସେ କୁଂଜବନ-ବିଭୂତି ?
ପଥଭେଦ ପଡ଼େ ଆତପ ତହିଁ ନାହିଁ ସେ ଜ୍ୟୋତି ?
ଗ୍ରାମେ ଗ୍ରାମେ ଆଜି ଶୁଭଇ ନବ ଗହଳ ଲୀଳା
ସରସ ଉତ୍ସବ-ଆମୋଦେ ଭାଂଗି ପଡ଼ଇ ଧରା ।
ଖଡ଼ଗ କାଢ଼ି କେ ପରଖି ଦେଖି ରଖେ ଆବର
ଧନୁ ଦେଖି କେହି ରଖିଛି ଶର ତୂଣୀର ଭରି ।
ବିଦାସ୍ୱ-ସଂଗରେ କେ ପୁଣି କରୁଅଛି ସଂସ୍କାର,
କୁଶଳ କରମ ବଖାଣି କହେ କେ ପୁଣି ବୀର ।
ଖାରବେଳ ଗାଥା ଫିଟିଚି ଠାବେ ଠାବେ ସଗରେ,
ଗ୍ରାମପତି ଅଶ୍ୱ ବାହଂତି ଗ୍ରାମ ସୀମାଂତ-ଭାଗେ
କଦଂବ ଚଳାଇ କେ ଯୁବା ଖଂଡେ ଯାଉଛି ଚଳି,
କହୁଛି, ଚଳିବ ସଇନ ପ୍ରାଣ ପୁଲକେ ଭରି ।
କାହୁଁ ମିଳିଗଲେ ଯୁବକ ପାପ୍ତ ବର୍ଣ୍ଣେ ଭାସ୍ୱର;
ଜୈନ-ମଣି-ଯୁତ ମୁକୁଟ-ପାପେ ଆବର ଶିର
ବାଳଭାନୁ ପରି ବଦନ ଦିଶେ ଶ୍ମଶ୍ରୁ ବିହୀନ
ନବ ରବି ତେଜ ଖଡ଼ଗେ ଜକଜକେ ରଜନ ।
ଦେଖିଲେ ସରବେ; ମଣିଲେ; କାହୁଁ ବହିର ବୀର
ମିଳିଲେ; ଉଠିଲା ଚହଳେ ଜୟଧ୍ୱନିର ରୋଳ ।

ପୁଲକେ କୃଷକେ ସଇନ ସାଜେ ପଡ଼ିଲେ ଦାଂଡ଼େ,
କଦଂବେ କଂଦବେ ଚଳିଲେ ଭେଦି ଚଂଡ ମାର୍ତ୍ତଂଡେ
ଜୟଜୟ ରବେ ଧ୍ୱନିଲା ପ୍ରତିଧ୍ୱନି ବିପିନେ
ତରଂଗେ ଥରି ସେ ଉଠିଲା ସିଂଧୁନଦୀ-ପୁଳିନେ ।
ସରସ ସମୀର-ବିତାନେ ଭାସିଗଲା ସେ ଧ୍ୱନି;
ସମର-ଇଂଗିତ ଚହଳେ ଫାଟି ଉଠେ ଅବନୀ
ଫାଟି ଉଠେ ପୁଣି କୃଷକ-ହୃଦ ଆଶା-ଉନ୍ମାଦେ
ସ୍ୱାଧୀନତା ଆହା ସେ କିବା ଅନୁମାନର ସ୍ୱାଦେ ?
ଦଗିଖୋଲେ ନାଦେ ପବନ, ଫିଟିପଡ଼ିବ ବୋଲି
ଊଷାମୁଖେ ଫୁଟେ କାଳିମା, ଦିନ ଆସଇ ମାଡ଼ି ।
ଗ୍ରାମ ବିତ ସନ୍ଧ ବୋଇତ, ଯାଏ ସିଂଧୁ ଗରଭେ,
ସାଧବ ଇଂଦ୍ରସ୍ୱ-ତାଡ଼ନା ସହି, ଉଠେ ଗରବେ ।
ଆଶାରେ ସିନା ଏ ବିଳାସ, କ୍ଷେତ୍ରେ ଶାଂତ ପରାଣ
ଆଶାର ବିଦ୍ୟୁତ-ଆରବେ ଉଠେ କୃଷକ ପ୍ରାଣ ।

— — —

## ଅଷ୍ଟମ ଛାଂଦ

ରାଗ-ଖଂଡଭୂପାଳ

ସବିତା ଫୁଟଇ ଦିଗଂତ-ବିସ୍ତାରେ
ବିମଳ ଧରଣୀ ଉଠଇ ଝଳି,
ଚୁହେଁ କରଯୁବା ସଇନ ପଟଳେ
କୃଷକେ ଯାଏ କି ଶକତି ଖେଳି !

ନାଚି ନାଚି ନଈ ପାରାବାରେ ଯାଏ
ଉପଳ ସିକତା ଦଳଇ ତୋରା,
କଦଂବେ ଚଳଂତି ତରୁଣ ଯୁବକ,
ଅଭିଯାନ ହାସେ ଭାସଇ ଧରା ।

ଥରି ଥରି ଯାଏ ଶାରଦ ସମୀର,
ବିମଳ ସିକତା ବିତାନେ ବହି,
ଶକତିର ଖେଳେ ଚଳଂତି ସଇନ
ତରଂଗ ବିଭାସେ ଥରଇ ମହୀ ।

# ଖାରବେଳ

ତରୁଣ ଲଲାଟେ ଫୁଟିଉଠେ ଜ୍ୟୋତି,
ଝଲଇ ଚମକେ ବିଜୁଳି ଛଟା;
ଦିଗନ୍ତ ବିସ୍ତାରେ ନାଚେ ଅଭିଯାନ
ଭୁଲି ପଡ଼ି କେବେ ଶୁଣନ୍ତି ଯୁବା !

ଇଂଗିତେ ଇଂଗିତେ ଥରଯାଏ ସେନା
ଶକତି ଫୁଟଇ ସଇନ ମୁଖେ,
ସେନାପତି ମୁଖେ ଶୁଣନ୍ତି ସଇନ
ହୁଲସି ଉଠନ୍ତି ସମର-ସୁଖେ ।

ବିଜୁଳି-ଚମକେ ବ୍ୟାପିଲା ଭାରତି
ଦଳେ ଦଳେ ସେନା ମିଶିଲେ ପଥେ,
ଗିରିଦଣ୍ଡ ଏଡ଼ି ପେଖଳ ତଟିନୀ
ମହାନଦୀ ଧାର ଭେଟଇ ସତେ ।

ବିମଳ ବସନ ବିମଳ ଭୂଷଣ
ବିମଳ ବରନ ସେ ସେନାପତି,
ଉଜଳେ ସଇନ, ତରୁଣ ଅରୁଣ
ଉଜଳେ ଯେସନ ବନ ବ୍ରତତି ।

ବଜର-ଶାସନ - ବୃଷଳ-ସ୍ମରଣେ,
କେତେରଂଗେ ଆଜ ପୁଲକ ଭରେ,
ଅଭିଯାନ-ରଂଗ ଦେଖି ସେ ବିପିନ
ଶାରଦ ମୋହନ ସମନେ ଥରେ ।

ଦିଗନ୍ତ ବିତାନେ ହସଇ ସିକତା
ଉପଳ ଶୟନେ ହସଇ ନଦୀ,
ସେହି ସେ ସ୍ମରଣେ ସୁଖ ସମୀରଣ
ବହେ ଚଳୁଚଳେ ବ୍ରତତୀ ଭେଦି ।

କେତେ ତ ଶରଦ କେତେ ମଧୁମାସ
ବରଷେ ବରଷେ ଯାଇଛି ବହି,
ବଜର ମୁଲକ ବୃଷଳ ପରଶନେ
ଏ ଶୋଭା ତ ଦେଖି ନ ଥିଲେ କେହି ।

ଏସନ ସୋହାଗେ ଏତେ ଅନୁରାଗେ
ଭୁଲି ନ ଥିଲେ ତ ସଇନ କେହିବ,
ଆଶାର ସ୍ୱପନେ ତରୁଣ ଲୋଚନେ
କି ଦେଖନ୍ତି ଆଜି ବୃଷଳ ତେତେବ ?

ଯୁବକେ ଅରପି ପରାଣ ସମ୍ପଦ
କି ଆସେ ଯାଆନ୍ତି ଫୁଲ୍ଲର ଗୁତି ?
'କିଏ ସେ ଯୁବକ' ଭଲେ ନ ଜାଣନ୍ତି
ସେ ମୁଖ ସ୍ୱପନେ ଉଠନ୍ତି ମାତି ।

ଚଳାଅ ଯୁବକ ବୃଷଳ ସଇନ
କି ନିଯୁତ ମୁଖେ ଜାଣ ହେ ବୀର ?
କି ଶକତି ଦେଇ କି ରସେ ଯୁବକ,
କରୁଛ ଲୁଷକ ପରାଣ ଜୁର ?

ଯାଉଛ ଭେଟିବ ଖାରବେଳ ଆଜି,
ଶକତି-ମହତ କଳିଂଗ-ସୁତ;
ଆସିଛନ୍ତି ସେହି କେତେ ଆଶା ଧରି
ଦଣ୍ଡିମ ଗଜନେ କରିବେ ନତ !

ଦସ୍ୟୁଭୟ ଯିବ, କଳିଂଗ ବୋଇତ
ଚଳିବ ସାଗରେ ବାଣିଜ୍ୟ-ରସେ
ସେହି ଖାରବେଳ ସଗେ ମିଶି ସାରେ
ରଖିବ ବଜର ବଜର-ବାସେ ।

ଏହି ସେ ବୃଷଳ କଟକେ ତ ପୁଣି
ମହତ ତସ୍କର ଭେଟିଲେ ସେହି
ପରାଣର ଆଶା ତଣ୍ଡିର ପିପାସା
ଚମକେ ଚମକେ ସାଧୁଛି ଦାଉ ।

କେସନେ କହିବ, କି ହେବଟି ସତେ
କି ବିଶ୍ୱାସ ତୁଂଭେ ପାଇବ ତହିଁ,
'କାହିଁ କାହିଁ' ବୋଲି ଖୋଜିବେ ଯେବେ ସେ
ତସ୍କର ବୃଷଳ ସଇନେ ରହିଁ ?

ମଣ୍ଡନେ ଦେଖିବେ          ଖୋଜି ଖୋଜି ଯେବେ,
ଓଳସିବେ ଯେତେ କୁଶଳ ବୀରେ;
ପଣ୍ଡିରବେ ଯେବେ          ଲକ୍ଷଣ ବଖାଣି,
ଜଣାଇ ନ ଦେବ ସରଳ ଗିରେ ।

ଯାଅ ତେବେ ଭୟ          ନାହିଁ ଖାରବେଳେ
ଯାଅ ସେନାପତି ସରସ ମନେ;
ବୀର ଭୃଙ୍ଗ ପ୍ରାଣ          ରେଣୁଇଛ ଧୂସି,
ଯିବ କି ନ ପଡ଼ି ଧରା ହେ ବନେ ।

---

## ନବମ ଛାନ୍ଦ

ରାଗ—ଲଳିତକାମୋଦୀ

( ରାଧା ସନ୍ଦେଶ ବୃତ୍ତେ )

ସମୀର ଲହରେ ଖେଳେ ସିନ୍ଧୁ-ଭୂମି-ବିପିନେ;
ବିଶ୍ୱଲୀଳା ଉଠେ ପୂରି ଜଳେ ସ୍ଥଳେ ଗଗନେ ।
ପ୍ରେମେ ଢଳ ଢଳ ଫୁଲ ଚନ୍ଦ୍ରଦଳ-ଗହନେ;
ଅରବିନ୍ଦ ଶୋଭେ ରବି ସରୋବର-ସଲିଳେ ।
ପରାଣର ମୃଦୁହାସେ କବିତାର ମାଧୁରୀ;
ବିରହ-ସ୍ମରଣେ ହସେ ଯଉବନେ ସୁନ୍ଦରୀ ।
ସୁନ୍ଦରୀର ସ୍ମିତହାସ ଜବାଫୁଲ ଅଧର
ପ୍ରେମିକର ଅନୁରାଗେ ଆହା କିବା ମଧୁର ।
ମଧୁରେ ରାବଇ ପିକ ମଧୁ ଋତୁ ଆଗମେ;
ଆଶାଟି ବିଶ୍ୱାସ ଧ୍ରୁବ ତରୁଣର ପରାଣେ ।
ଯେସନ୍ତ ଆଶା ସେ ବିଶ୍ୱାସ ମିଶିଯାଏ ଯେସନ,
ତେସନ ପ୍ରଣୟ-ରେଖା ବଣକରେ ପରାଣେ ।
ପରାଣର କି ଭାବସେ ଲୁଚଇ ସେ ପ୍ରଣୟ,
କାହିଁ ଫୁଟି ପଡ଼େ, କହେ ପରାଣ ସେ ଅଥୟ !
ଶତସ୍ତୂପ ଭେଦି ଉଠେ ସେ ପ୍ରଣୟ ଚମକେ;
ଶତ ଲକ୍ଷ ଛୁଟିଯାଏ ସେ ପ୍ରଣୟ ପଲକେ,
ସ୍ୱପ୍ନ ହେଲେ ଭାବନାହିଁ ଯାହାମୁଖ ଜୀବନେ,
ହୃଦୟର ମଧୁହାସେ ତାର ପିକ-କୂଜନେ ।
ଏ ଅନୁପମ ବିଶ୍ୱ-ଲୀଳା କେ କହିବ ବଖାଣି ?
ପ୍ରଣୟେ ପରାଣ-ବାଣୀ ବଖାଣିବ କେ ଜାଣି ?
କେଉଁ ଦିଗରୁ ଉଠେ ଧ୍ୱନି, କାହିଁଯାଏ ସେ ଭାସି ?
ପ୍ରତିଧ୍ୱନି ଆସେ କାହୁଁ, କେଉଁ ଦେଶ ପରଶି ।
ବାଜି ଉଠେ ତାଳେ ତାଳେ ସେ ଧ୍ୱନିର ଶବଦେ;
ଦଶମୁଖ ଗିରିଚୂଳ କମ୍ପିଉଠେ ନିନାଦେ ।
ଅଲକ୍ଷ୍ୟ ପ୍ରଣୟ-ବାଣୀ ଅଲକ୍ଷିତ ଜୀବନେ !
ଫୁଟଇ ସୁମନ କାହୁଁ ଅଲକ୍ଷିତେ ବିପିନେ !
ଖାରବେଳ ଶୁଣୁଥିଲେ କାହିଁ ଦୂର ଉତ୍କଳେ;
ଦ୍ରାବିଡ଼ ବାହିନୀ ପଡ଼ି ରହିଁ ଦେଲେ ପଛେ ।
ପରାଣର ପ୍ରତିଧ୍ୱନି ଉଠିଲା ସେ ପରାଣେ;
ଅଯାଚିତ ସତେ କିଏ ଧନ ଦେଲା କୃପଣେ !
ଭାଇବୋଲି କେହି ନାହିଁ; ଏକାକୀ ସେ କୁମାର
ସଖ୍ୟ ନାହିଁ ସେ ଜୀବନେ, ଅଭିଳାଷ ବିଶାଳ ।
ଉନ୍ନତ ସେ ଅଭିଳାଷେ ଖାରବେଳ-ପିପାସା;
ପିପାସାର ସେ ବିଳାସେ କିଏ ଦେଲା ଏ ନିଶା ?
ଏ ନିଶା ତ ମେଣ୍ଟିବାର ନୁହେଁ ଯୁବ-ପରାଣେ;
ଯୁବ-ପ୍ରାଣେ ମୈତ୍ରୀ ଲୀଳା ବଢ଼େ ବିଶ୍ୱ-ପ୍ରମାଣେ ।
ଆବଦ୍ଧ ସେ ହୁଏ ଯେବେ, ପ୍ରାଣ ଦିଏ ବୁଡ଼ାଇ,
ଆଶା ଅଭିଳାଷ ସବୁ ସେ ପ୍ଲାବନେ ଭାସଇ ।
ଦିବା ନିଶି ଏବେ ସେହି ସେନାପତି କୁମାରେ
ଆହାର-ବିହାର-ଲୀଳା କଉତୁକେ ଉଛୁଳେ ।
ସେନାପତି ଭୁଲେ ଏବେ ରାଜସୀୟ ମନ୍ତ୍ରଣା,
ଦିବସେ ଆମୋଦ ରସ, ନାହିଁ ଛଳେ ସଂଶଣା ।
ଚମ୍ପକ-ବଉଳ-କଥା, କୁଟିରଣି ବଜରେ,
ତରସେ ବାଣିଜ୍ୟ ତରି ଲୁଚିବାର ସାଗରେ;
ମନେ ମନେ ବ୍ୟୂହ ରଚି କରନ୍ତି ସେ ସମ୍ଭଇ;
ଜୟ ପରାଜୟ କେତେ କରୁଥାନ୍ତି ବିଚାର ।

କୁମାରୀ କହନ୍ତି ଦେତେ କୁଣ୍ଠମନ ଉତ୍ତର,
କାହିଁକି ଖେଳାଇ ତାହା ସେନାପତି ଗୁପ୍ତଚର।
କଥାକେ କଥାକେ ଉଠେ ପ୍ରତିବାଦ ଉଭୟେ;
ପ୍ରତିବାଦେ ସେନାପତି କହୁଥାନ୍ତି ହରଷେ।
ସେ ହରଷେ ଆଡ଼ମ୍ବରେ ଖାରବେଳ ମଣ୍ଡନ;
ସରସ ଯୁବକ ପୁଣି ବୁଝି ଅବା ନନ୍ଦନ।
ସୌହୃଦ-ଅରୁଣ ହାସେ ଅନୁରାଗ-ଅଙ୍କୁର
ଗୁଣ ବର୍ଷାକରେ ବଢ଼ି, ବିକାଶଇ ମୁକୁଳ।
ସେହି ସେ ତପନେ ଏବେ ଦିନୁଦିନ ପୀରତି
କଢ଼ଇ, ବାଦ୍ୟାଦ-ଯଶେ ହସେ ଯଥା କାରଣ।
ଦିନୁଦିନ ଦୁଇଜଣେ ମିଶିଯାଏ ପରାଣ;
ଜଡ଼ିତ ପୀରତି-ଲତା, କାହାର ଏ ଭିଆଣ ?

---

## ଦଶମ ଛାନ୍ଦ

ରାଗ-ପାର୍ଦ୍ଦମଣୁଆଣୀ

ଗହନ ବିପିନ- କୁଟୀର ଭବନେ
ନିଶବଦ ନିଶି ଅନ୍ଧାରେ
ପଥଶ୍ରମେ ସତ୍ତି କରମି-ପଥିକ
ଶେଯେ ପଡ଼ିଥାଏ କାତରେ;

ଶ୍ରାବଣ-ରଜନୀ- ଅନ୍ଧକାର ଭେଦି
ଚପଳା ଉଠଇ ଚମକେ,
କୁଟୀର-ଦୁଆର- ରନ୍ଧ୍ର ଭେଦି ପରେ
ଖେଳିଯାଏ କେବେ ପଲକେ।

ସେ ଚମକେ ଆଖି ଝଟିଲେ ଝଲସଇ,
ଦରିଦ୍ରର ଆଶା-ବିଶ୍ୱାସେ,
ଶୁଭଇ ବରଷା- ଝଙ୍କାର-ପ୍ରବାହ,
ବୁଡ଼ିଯାଏ ପାନ୍ଥ କ ରସେ।

ସମ ଗୁରୁଜନେ ଭେଦି କି ସେ ବରଷା
ନଗଣ ପ୍ରଣୟ-ସ୍ମରଣେ;
କେବେକେବେ ପୁଣି ହଏ ଚମକାଇ
କ୍ଲାନ୍ତ ଭେଦି ପାନ୍ଥ ପରାଣେ।

ଦୂର ଶଙ୍ଖ-ଧ୍ୱନି ଶୁଭଇ ବା କେବେ
ନିଶବଦ ନିଶି ପଠାଇ;
ସ୍ଥିରନିଦ ଭାଙ୍ଗି ହଏ ଚମକାଇ
ଶ୍ରାନ୍ତଜନ-ହୃଦ ହସାଇ।

ଧ୍ୱନି-ତାନ-ଗୀତେ ଆସଇ ସ୍ୱପନ;
ତହିଁ ସେହି ଗୀତ ମୋହନ
ଥରି ଥରି ଉଠେ ଚମକି ପରାଣେ
ରସାଣି ସେ ମଧୁ ସ୍ୱପନ।

ସେହି ସ୍ୱପନର ଚମକକୁ ବଳି
ସେହି ଚପଳାର ସ୍ଫୁରଣେ,
ଅନୁରାଗ ସ୍ମୃତି କରମ ପଠାଇ
ଉଠେ ଖାରବେଳ-ପରାଣେ।

ଦ୍ରାବିଡ଼-ସଇନ- ଯୁବ-ସେନାପତି-
ପୀରତିରେ ଭୋଳ କୁମାର;
ସେହି ପୀରତିର ଇଙ୍ଗିତ-ଉଡ଼ାଲେ
ଫେରି ଦେଖୁଥାନ୍ତି ଅନ୍ତର।

ଅନ୍ୟମନେ କେବେ ରହନ୍ତି ମଣ୍ଡନେ
ଝଟିଲେ ସେ ସ୍ମରଣ-ଚମକେ,
ସେନାପତି ସତେ ଦେଖନ୍ତି ସେ ମୁଖେ
ପରାଣର ଆଶା ପଲକେ।

ଖାରବେଳ ପରା ବନ୍ଦିର ରାଇଜ
ଜିଣି, ଦେବେ ପୁଣି ବନ୍ଦରେ;
ଦାଢ଼ିମ ଯବନେ ଧରିଛିବେ ପରା
ଖାରବେଳ ଆର ସମରେ।

ଅଭିଳାଷ-ଆଶା— ସାର-ମୋଦରସ
ତରଂଗେ ଖେଳଇ ପରାଣ,
ତରଂଗେ ଉଠଇ ତରଂଗେ ପଡ଼ଇ
କିବା ରଂଗେ ତହିଁ ସ୍ମରଣ ।

ଭୁଲି ବେଳେ ବେଳେ କେଉଁ ଶୂନ୍ୟରସେ
କୁମାର ଗୁହାଂତ ଯୁବକେ ?
ଯୁବକ ଗୁହାଂତ କୁମାର ଲପନେ
କି ଅବା ସ୍ମରଣ ଚମକେ !

କେଉଁ ମହାସ୍ରୁତରେ ପୂରଇ ପରାଣ,
ବହିଯାଏ ବିଶ୍ୱ ବିପିନେ;
କି ମୋହନ ସୁଖ, ଯୌବନେ ଇଂଗିତ
ଉଠଇ ଯୁବକ ପରାଣେ ।

ତରୁଣେ ଫୁଟଇ ଯଉବନ କଳା,
ଯୌବନ-ମାଧବ-ବିଭବ;
ଫୁଲ ଉଠେ ଫୁଲ୍ଲି ପୀରତି ପରାଣେ
ଭୃଂଗ ଅଭିଳାଷ-ଗରବ ।

ପୂରି ହୃଦ ରସେ ଭାସିଯାଏ ଧରା
ତରୁଣ-ଇଂଗିତ-ବିକାଶେ;
ସେ ଇଂଗିତ ରସେ ତରୁଣ ମାନସେ
ଅନୁରାଗ ସ୍ଫୂର୍ତ୍ତିରେ ବିଳାସେ ।

ସେହି ସେ ବିଳାସ- ମୃଦୁ-କୁହୁତାନେ
ପ୍ରତିଧ୍ୱନି ପ୍ରାଣ-ବିପିନେ;
କଂପି ତାଳେ ତାଳେ ସେ ଗୁରୁ ଶବଦେ
ତରଂଗ ଉଠଇ ଗଗନେ ।

ତରୁଣ ବିଭୂତି ଏ ଅନଂତ ଲୀଳା
କିଏ ସେ ଗାଇବ କି ଗୀତେ ?
ଗାଉଚଂତି ସର୍ବ ସେ ଅମର ଗୀତ
ବିଶ୍ୱପତି ବିଶ୍ୱ-ସଂଗୀତେ ।

—o—

## ଏକାଦଶ ଛାଂଦ

ରାଗ—ଚକ୍ରକେଳି

ହେନେ ଗାଙ୍ଗବଂଶ କୁମାର ମଣି;
କପାଳେ ଅଇଲା ରାଇଜ ଶ୍ରୀ ।
କିପାଁ ରଂଗେ କଲା ସମର ଶ୍ରୀ;
ଦକ୍ଷିଣ ସଂଗେ କରିବାରେ ରଣ ।

ବାଳ କାଳେ ଶିଖି ବଡନେ ରହିଲି
ସମର, ରସ, ଜାଣି ମୁଁ ନ ଥିଲି ।
ଏତେ ଅଭିଳାଷ ଆସିଲା କାହୁଁ ?
ଏ କି ଅରୁଣ ରଜନୀ ନ ଥାଉଁ ?

ଯାଇଥିଲ ଯେବେ ପାଂଡ୍ୟ-ରାଜ୍ୟରେ,
କେତେ ଆଦରେ ହେଲ ତହିଁ ଭୋଜେ ।
ପିତାପରି ସେ ପ୍ରବୀଣ ରାଜନ
ଶିଖାଇଲେ କେତେ ରାଜବିଧାନ ।

ବାଣିଜ୍ୟେ ପେଷିଲେ ସଇନ ପୋତ;
ସଂଗେ ଚଳିଲେ ଉତ୍କଳ ମହତ ।
କଳିଂଗ-ଦ୍ରାବିଡ଼-କୂଳ ସେ ପ୍ରାନ୍ତ,
ଦେଖି ଆସିଲେ କାହିଁ ଜାବାବାଲି ।

ପାରସ୍ୟ-କୂଳେ ଆସିଲେ ସେ ପୁଣି,
ପୁର-ବନ୍ଦର-ଗୁଣ ଗୁଣି ଗୁଣି ।
ଦୁରଂତ ଦକ୍ଷିଣେ ଦେଖିଲେ ସେତୁ;
ବାଣିଜ୍ୟ ଘେନ ଭଂଡ ଦେଲେ ବନ୍ଧୁ ।

ଯୁବ-ପରାଣ ମୋ' ସମ୍ଭାଳି ନାହିଁ,
ନ ଜାଣି ହେଲ ମୁଁ ସମରେ ବାଇ ।
ଜାଣି ମୁଁ ନ ଥିଲି ତରୁଣ କାଳ,
ଜାଣି ନ ଥିଲି ପୀରତି-ଜଂଜାଳ ।

କହୁଥିଲେ ମୋତେ ପାଂଡ୍ୟ ରାଜନ
ଉପହାସେ ମୁଁ ନ କଲି ଗଣନ ।
ଜାଣି ନ ଥିଲି ମୁଁ ମହତ ସାର
ହୃଦୟ ହୁଅଇ ପଲକେ ଜୁର ।

ନିରାଶେ ଆଶା ଉଠୁଥାଏ ହସି,
ଆଶାରେ ନିରାଶା ହଣଇ ମିଶି ।
ସେ ଆଶା ତ ତୁଂଗ ଶଇଳ-ଶିଖା
କରମଟି ତହିଁ କଠିନ ଲେଖା ।

ସେ ଆଶା ଉଠଇ ପରାଣ ପୂରି
କରମ କଂଚୁକ ଥାଏ ଆବରି ।
କେମଂତେ କରମେ ରସିବ ମୁହିଁ ?
ଖଡ଼ଗ ତ ହାତେ ଯାଉଛି ରହି ।

କୁସଳ-ପତ୍ର ଏ କଳର-ସାର
କରୁଚଂତ୍ର ମୋତେ କେତେ ସଂଭାର ।
ତାଂକ ଦେଶ ମୁଁ କି ପାରିବ ଜିଣି ?
ତାଂକ ରାଇଜ ଦେବ କି ମୁଁ ଆଣି !

ସେ ମୁଖ ଦେଖିଲେ ଯାଏ ମୁଁ ଭୁଲି
କଥାରେ ହାରିଲେ ହେଉଛି ଝୁରି ।
ପର୍ବତ-ଭରଣେ କଜ୍ଜଳ ତାର
ଶୁଣିଲେ, ପରାଣ ହୁଏ ଅଧୀର ।

ସେ ତ ତରୁଣ, ତରୁଣ ତ ମୁହିଁ
ସେ ପରାଣେ କି ଅନୁରାଗ ନାହିଁ ?
ଶିଖର ଉଜଳ ହସେ ସେ ତାରା
ହସିଲେ ନସ୍ଥଏ ଗଗନେ ତାରା ।

ରୁହିଁଲେ ଫୁଟଇ ସୁମନେ ହାସ;
ସଂଗୀତ ତାର ବଚନ-ପ୍ରକାଶ ।
ଅଂଗେ ଅଂଗେ ଝରେ ତରଳ ଦ୍ୟୁତି
ସମର-ରଂଗେ ପ୍ରକଟେ ଖ୍ୟାତି ।

ସେ କିପାଁ ପଡ଼ ନାହିଁ ଅନୁରାଗେ
ତରୁଣ ରସ ପ୍ରଣୟ-ସୋହାଗେ ?
ଆସିଛି ତ ସେ କୁଷଳ-ମୁଲକୁ
ପରଖିବ କି ଜାଣିଥିବ ତାକୁ ?

ଆହା କିପାଇଁ ଏ ଦୁରାଶା ମୋର ?
କି ନିଶା ପିଇ ମୁଁ ହୋଇଛି ଭୋଳ ?
ଅଛଂତି ଜଗତେ କେତେ ସୁଂଦରୀ;
କିଏ କାହା ଲାଗି ହେଉଛି ଝୁରି ?

କିପାଁ ଜାଣିବ ସେ ସାର ତରୁଣ ?
କି ଅବା ମୁଁ ତାରେ କହିବ ପୁଣ ?
ଦେଖିଣ ତାରେ ନିମିଷ ମାତରେ;
ଥରିଲା ହୃଦ ରହି ଦେଖି ବାରେ ।

ଆଖିରେ ଆଖି ନ ପାରିଲି ରଖି
ମନ ହେଲା ପଛେ ଫେରିବ ଦେଖି ।
ଫେରାଇ ପାରିଲି ନାହିଁ ତୁରଂଗ;
ଥରି ଉଠୁଥିଲା ହୃଦେ ତରଂଗ ।

ଆହା ସେ ବାଳା ରୁହିଲ କି ମୋତେ ?
ଅନୁରାଗ କି ଲଗିଛି ତା ଚିତ୍ତେ ?
କେତେ ପଥିକ ଯାଉଥିବେ ବାଟେ,
ବାଟ ଭୁଲୁଥିବେ ତଟିନୀ-ତଟେ ।

କିଏ କାହାରେ ଦେଖୁଛି ଜଗତେ ?
କି ନିଶା ସତେ ଘୋଟି ଅଛି ମୋତେ ?
କେତେ ସମରେ ଯୁଝୁଛି ମୁଁ ଆଗେ
ବନ ପର୍ବତ ଭେଦି ନଦୀ-ଭାଗେ ।

ବ୍ୟାଘ୍ର-ଗାଇକେ ବୁଲୁଛି ମୁଁ ଏକା
ତିଳେ ନ ଥାଏ ମୋ ହୃଦୟେ ଦକା ।
କିପାଁ ଏଥି ଏ ହୃଦୟେ ଆରତି ?
ଏହି କି ତେବେ ତରୁଣ-ପୀରତି ?

କଠୋର କରମ ପଡ଼ୁଛି ଆଗେ;
ପୀରତିରେ ତାକୁ ଏଡ଼ି ସୋହାଗେ,
କି ଯଶ ହେବ ? ମୁଁ ରାଜ କୁମାର,
ଜଗତେ ତ ମୋତେ ବୋଲନ୍ତି ବୀର ।

ଏହିକି ବୀର-ଧରମ ଜଗତେ;
କିପାଇଁ ତେବେ ଭାଳୁଛି ମୁଁ ଏତେ ?
ଜଗତେ କେତେ ଅଛନ୍ତି ତ ନାରୀ;
କିପାଁ ପରାଣ ହୁଏ ଏତେ ଘାରି ?

ଜାଣନ୍ତି ଯେବେ, ସେ ରୁହିଁବ ମୋତେ,
ରଣରଙ୍ଗ ମୋର ଦେଖିବ ସତେ,
ଭୀଷଣ ସମର ପରାଣ ଦେଇ,
କି ସରଗ-ସୁଖ ଲଭନ୍ତି ମୁହିଁ ?

କିପାଁ ତେବେ ଏତେ ଜ୍ବଳେଣି ମୋର ?
ଶୁଣିବ ତ ସେ ରଣ କଉଶଳ ।
କୁଶଳ ସଇନ ଫେରିଲେ ଘରେ,
ବଜର-ରାଜ ବସିଲେ ବଜରେ,

ଜାଣିବ ନକି ସେ ଏସବୁ କଥା ?
ପଚାରିବ ନକି ମମ ବାରତା ?”
ଅନୁରାଗରେ କି ବିଷମ ଆଶା ?
ତରୁଣ ପୀରତି କି ଘୋରଦଶା ?

କାହିଁ ସମର, କାହିଁ ପଲ୍ଲିବାଳା,
ମନେ ମନେ ଏତେ ଶୁଭ ସଂଖୋଳା ।
କେବେ ମଣନ୍ତି, ବୁଝିବେ ସଂଦେଶ,
ପୁଣି ଫୁଟଇ ସଂଦେହ ବିଶେଷ,

ସଂଦେହେ ପୁଣି ଆଶା ଉଠେ ଫୁଟି,
ବିଶ୍ବାସେ ଯାଏ ସେ ସଂଦେହ ଛୁଟି ।
ମଣନ୍ତି, ବାଳା ଦେଖନ୍ତା ସମର;
ପୁଣି କହନ୍ତି, ଶୁଣିବ ଖବର ।
କି ସ୍ୱିତ କୁମାର ଏ ତବ ଆଜ ?
ଆସିଥିଲ କି ଏହି ରଣସାଜ ?

ବୀର ବୋଲି କର ଗରବ କେତେ;
ଜିଣିବ ବୋଲି ମଣୁଛ ଜଗତେ ।
[illegible],
କେସନେ ରୁଦ୍ଧ ଯିବ ହେ ହୃଦୟ ?

---

## ଦ୍ୱାଦଶ ଛାନ୍ଦ

ରାଗ-ମଙ୍ଗଳଗୁଜ୍ଜରୀ

ଘରରେ ସେ ସୁଦିନ ଫେରିବ କାହିଁ,
ବୁଦ୍ଧ ପରେଶ ଯେବେ ମୋହିଲେ ମହୀ ?
ଖଡ଼ଗେ ବସୁଥିଲା ଅହିଂସା ଧାର,
ଇନ୍ଦ୍ରିୟ ଜିଣି ଜନେ ହୋଇଲେ ବୀର ।
ଦିଗନ୍ତ ପୂରିଥିଲା ମୈତ୍ରୀ-ବିଭବେ,
ରାଜତ୍ୱ ଥିଲା ସିନା ସଂଯମ ଭବେ ।
ବୁଲୁଥିଲେ ସୁଗତ ଶିଷ୍ୟରେ ପୁରେ,
ମନ୍ତ୍ରଣା ଦେଉଥିଲେ ଆଦୃତ ଦରେ ।
ଛାଡ଼ି ବନ୍ଧନ ଘନ ଖେଳେ ଅଂବରେ,
କେବେ ବା ଲଇଁ ପଡେ ପର୍ବତ ଶିରେ,
ତେସନ ଛାଡ଼ି ଭବ-ସୁଖ-ବାସନା,
ରାଜନେ ବୁଦ୍ଧ-ଜନେ କଲା ଶାସନା
ଶକ ଯବନ ହେଲେ ତହିଁ ମଗନ
ଆଶ୍ବାସେ ହୁଏ ଯଥା ଶ୍ୱାପଦ ଶ୍ବାନ

ଶିବରେ ଆଜ ସେହ୍ନ ସୁଗତବର
ଯୁଦ୍ଧ ନବାର କରୁଥିଲେ ବହୁର ।
'ସମର ଲାଲସାଟି ଦୁରଂତ ଭବେ;
ବଳ-କରମେ କାହିଁ ପରାଣ ହୁବେ ?
ଉଦ୍ଧମ ନୃପେ ସିନା ଶାସନା ତାହା,
ଲୁହେ ସେ ଲାଳସାର ବିଳାସସ୍ପୃହା ।
ଇଂଦ୍ରିସ୍ନ ଭୋଗ ଯଥା ନ ମାନେ ବାଧା,
ତେସନଟି ଖଡ୍ଗେ ଶୋଣିତ-କ୍ଷୁଧା ।
ସେହ୍ନ ଇଂଦ୍ରୟ ଭୋଗେ ସଂଯମ ଶୁଭ,
ଖଡ୍ଗରେ ଭକ୍ତ କର ଭଜବ କ୍ଷୋଭ ।'
କହୁଲେ ସେ ସୁଗତ ସିବେ ଦର୍ପିମେ,
ବୁଝାଇ କବେଷିବେ ବିଷମ ରଣେ ।
"ଗଢ଼ିବ କୃଷକର ରକତ ନଥି
ପଡ଼ହରି, ଜନ୍ମ-ରସେ କ ମହା ସିଦ୍ଧି ।
କାହିଁକି ତେବେ ଏତେ ବାଂଚକ ପଣ ?
ଅଧିକାର ଭୁଂଜଂତୁ ସେ ଯାହା ଜନ ।"
ସିକଂଦର-ବାହୁମା-ସଂତତି ସାର,
ଆସିଥିଲେ ସେ ଗୁଣ୍ଡ ଯବନ ପୁର ।
ଜଗତେ ଜାଣଂତି ସେ ଖଡ୍ଗ-ଯଶ,
ଜୀବନେ ପିଇଛଂତି ଲାଳସା ବିଷ ।
ସଂଯମେ ଆତ୍ମଲାଭ କରି ପ୍ରବର,
ତାଂକର ଦେଶେ ପର ପିଇ ଗରଳ,
ମନୀଷୀ ଭେଟିଥିଲେ ରାଇଜ ମାତ;
ଯବନ ଦେଶେ ପର ଏସନ ରୀତ !
ଦୁର୍ବଳ ଦେଖି ବଳେ ରଣ ଆଚର,
ଜଅଂତେ ରକ୍ତଧାର ପିଅଂତି ଶର ।
ପୃଥିବୀ ଗରସିବେ ପର ଜୀବନେ,
କୌଶଳେ ବିଷ ଦେଇ ନାଶିବେ ଜନେ ।
ପଶ୍ଚିମ ସଭ୍ୟତାର ଏସନ ରୀତ,
କାହୁଁ ବୁଝିବେ ସେହ୍ନ ସୁଗତ ମାତ ?
ଜୀବନେ ଜାଣଂତି ସେ ଆପଣା ସୁଖ;
କଥା କହଂତି ସତେ ବକ ଧାର୍ମିକ ।

ଯେ ଯାହା ଅଧିକାର ଦେବେ ସେ କାହିଁ ?
ବହୁରିଛଂତି ଗିଳିଦେବେ ଏ ମହୀ ।
ବହୁରିଛଂତି ମାରି ଜଗତ ଜନ,
ଜଗତେ ବସାଇବେ ନିଜ ସଂତାନ ।
ବିଳାସ-ପଣ୍ୟେ ଦେବେ ଜଗତ ଭରି,
ହାତେ ନ ମାରି ଭାତେ ଦେବେ ସେ ମାରି ।
ଜୀବନେ ନ ଜାଣ୍ଟଂତି ସମ୍ମୁଖ-ରଣ,
ରଣ ତାଂକର ଏକା ବଂଚକ-ପଣ ।
ସେହ୍ନ ତହିଁ ଦମ୍ଭିମ ସେ ଯବନ-ସୁତ;
ବୁଝାଇ ପାରିବ କି ତାଂକୁ ସୁଗତ ?
କହିବେ ସେ ବିପୁଳ କୁଶଳ ଭାଷା;
ଦେଖିବାକୁ ଦୁଧ ସେ ଗରଳ-ମିଶା ।
ସରଳ ସୁଗତଂକ ବୁଝିବ ତାହା ?
ବୁଝି ନ ଥିଲେ ପୁରୁ ପୁଚ୍ଛିବେ ଯାହା ।
ଅଭ୍ୟାସେ ବୁଝିଛଂତି ବଜର-ଜନେ;
ବଜର-ଯୁବା ଭୁଲିବେ କେସନେ ?
କହିଲେ ସେ, "କହିଁ ଏ ବହୁର ତବ;
ନାହିଁ ଏଥି ସୁଗତ-ଶିକ୍ଷା ପ୍ରଭାବ ।
ତରଳ ନଥି ସିନା ଶ୍ୟାମଳେ ଭଲ;
ଶଇଳେ କାଟିଦିଏ ପଥର-ଗାର ।
କାଂଥି-ଘନେ ଚପଳା ଦିଶେ ସୁଂଦର;
ଶୂନ୍ୟ ଗଗନେ ଭାଂଗେ ଶଇଳ ପୁର ।
ଆପଣ ସଂତାନ ସିନା ଭୁଲଇ ପ୍ରେମେ;
ପ୍ରେମ କି କରିପାରେ ମତ୍ତ ଦର୍ପିମେ ?"
ବଜର-ବୀର-କଥା ସେ ଖାରବେଳ
ଶୁଣି, ନ ଦେଲେ କିଛି ଉତ୍ତର-ଗିର;
ପ୍ରବୀଣ ପାଂଡ୍ୟ-ରାଜ ବୁଝିଲେ ନାହିଁ;
ବିହୁରିଲେ ସୁଗତ ଦେବେ ବୁଝାଇ ।
ସୁଗତ ପଢ଼ିଛି କି ଯବନ ପାଠ,
ପଶ୍ଚିମ-ଦେଶ-ମାତ-ଖେଳର ନାଟ ?
ମମଧା-କଥା ଶୁଣି ହସିବେ ସେହ୍ନ;
ବୁଝି ପାରିବଟିକି ସେ ହାସ-ଦାଉ ?

ବୁଝିବେ ଧରମ ସେ, ହାରି ସମରେ,
କଳିଂଗେ ବାହୁବଳ ପରଖି ଥରେ ।
ନ ରଖାଇ ସେ କାଳ, ଯାଉଛ ଯେବେ,
ମଂଗଳେ ଫେରି ଯଶ ରଖି ହେ ଭବେ ।

———

## ତ୍ରୟୋଦଶ ଛାଂଦ

ରାଗ-ମଂଗଳ (ଗୋବିଂଦଚଂଦ୍ର ବାଣୀ)

ମହତ ସୁଗତ ଗଲେ ଦଡ୍ଡିମ-ନଗରେ,
ପେଷିଲେ ସଂଦେଶ, 'ଶାନ୍ତି ନାହିଁ ବକତରେ ।
ଯାର ବକତର ଜାଣେ ସାର-ସଂଭାବନା;
ଉନ୍ନତ-ମାନବ-ରସେ ଖେଳେ ତା' କଳ୍ପନା;
ତେଜସ୍ୱୀ ଭାସ୍କର ସମ ଦରଶନ-କଣ୍ଠୁ;
ଉଦାର ବେଶରେ ବରଷଣ-ପଟୁ ।'
ରଖିଲେ ଆଦରେ ସେହୁ ସୁଗତ ପ୍ରବରେ;
ଦଡ୍ଡିମ ସଇନ ଛାଡ଼ି ଗଲେ ସେ ବଜରେ ।
ବଜରର ରାଜଧାନୀ ସିଂହପଥ ପୁର,
ହିମାଚଳ ଗିରି ଖୋଲେ ବହୁତ ସେ ଦୂର ।
ଖାରବେଳ ପାଂଡ୍ୟ, ପୁଣି ବଜର ଯୁବକ,
ହେଲେ ସେ ଶଇଳ-ବାସେ ଯିବାରେ ଉତ୍ସୁକ ।
ବଜର ଯୁବକ କିଂତୁ ଦଡ୍ଡିମ-ବଚନେ
ଲଭି ତ ନ ଥିଲେ ଭଲେ ବିଶ୍ୱାସ ପରାଣେ ।
ଗଗନେ ବୁଲଇ ମେଘ ଉଡ଼େ ଭ୍ରମିଭ୍ରମି,
ସେ ତ ପୁଣି ଲୋଡ଼େ ତପ୍ତ ତୃଷିତ ମେଦିନୀ ।
ପ୍ରାଣରୁ ବାହାରି ପ୍ରେମ ହଣଇ ଉଦାର,
ବିରହ-ତାପିତ ପ୍ରାଣେ ଲୋଡ଼େ ଫେରିବାର ।
ପରାଣର ଅନୁଭବ ରହିଯାଏ କାଳେ,
ସ୍ନିଗ୍ଧ ପ୍ରାଣେ ଫେରଇ ସେ ସ୍ମରଣ-ସଂଭାରେ ।
ଜନମ ଭୂଇଁ ସେ କିବା ବାସନା ପରାଣେ !
ଫେରି ଫେରି ପ୍ରତିଧ୍ୱନି ଆସେ ତା ସଂଧାନେ !

ବାରୁଣୀ-ବଳୟେ-ରବି ଥରିଥରି, କରେ
ଛୁଅଁଇ ସଲଖେ ପରା ପ୍ରାଚୀ-ନଭତଳେ ।
କୂଳ ଛାଡ଼ି ଯାଏ ପୋତ କେତେ ଅନୁରାଗେ,
ପାଲ-ମଥା ଟେକି ରହିଥାଏ ଭୂମି-ଭାଗେ !
ସିଂହପଥ-ଯୁବକ ସେ; ବଜର ପିପାସା
ଛାଡ଼ି କି ପାରିବେ କେବେ ପ୍ରାଣେ ଥାଇଁ ଆଶା ?
ଶଇଳ-ସଂକଟ-ଭରା, ଦଡ୍ଡିମ-ତରାସ,
ସୁଗତର ଉପଦେଶେ ଶୁଷ୍କ ପରିହାସ,
କଉଶଳେ ଡାକିବାର କଳିଂଗେ ସଂକଟେ,
କେବଳ ବୁଝି ଆସିବାର ସମରେ କପଟେ,
ଶକାର ଇଂଗିତେ ସବୁ ଜାଣୁଥିଲେ ସାର;
ଗଣୁଥିଲେ ମନେ ମନେ ଭବିଷ୍ୟ ସମର ।
ବୁଝୁଥିଲେ ଖାରବେଳ-ଶୁଦ୍ଧ ସରଳତା,
ପ୍ରବାଣ ରାଜନ ପାଂଡ୍ୟ ମୈତ୍ରୀର ମମତା ।
ଭାଳୁଥିଲେ ଦଡ୍ଡିମର କଉଶଳ ମନେ;
ସୁଗତ-ସରଳ-ମତି, ବଂଚକ ଦଡ୍ଡିମେ ।
ସବୁଜାଣି ସ୍ମରୁଥିଲେ ବଜର-ବିପିନ,
ସଇନ-ପତନ-ସ୍ଥାନ ବଜର-ରାଜନ ।
ରାଜ୍ୟ-ନାଶେ ମ୍ଳାନପ୍ରଭ ବଜର-କୃଷକେ
ସ୍ମରି, ଉଠୁଥିଲା ହୃଦ ଦପଦପି ବୁକେ ।
ଦୂରେ ରହି ସ୍ମରୁଥିଲେ ସିଂହପଥ-କଥା,
ପ୍ରବାଣ ସ୍ମରଇ ଦୂର ଶଇଶବ ଯଥା ।
ପରାଣର ଇତିହାସ ପଢ଼ୁଥିଲା ଫିଟି;
ଖାରବେଳ ପ୍ରୀତିରଂଗ ଯାଉଥିଲା ଛୁଟି ।
ପ୍ରତିଧ୍ୱନେ ଉଠୁଥିଲା କି ପ୍ରାଣ-ବାରତା ?
ବଜର-ସ୍ମରଣେ ହୃଦେ କି ମହା ମମତା ?
ସେ ମମତା ଲଭି ଆଶା ହୁଏ ବଳବତୀ,
ଆଶାରେ ଆଶାରେ ଦିଶେ ବଜର-ଭାରତ ।
ଦଡ୍ଡିମର କୂଟରଣ ଦିଶିଲା ଅସାର;
ମଣିଲେ ଦଡ୍ଡିମେ ସୁଖେ ରଣେ ଜିଣିବାର ।
ମିଳିତ ବାହିନୀ ଏବେ ଚାଲିଲେ ଉତ୍ତରେ,
ବାଲୁକା-ବିତାନେ ଖେଳି ମରୁ ପରିସରେ ।

ସିଂଧୁବାସୀ-ଗିରି-ନଦୀ, ଜଙ୍ଗଲ, ଶିଖର,
ଲଂଘି ପଥେ, ମିଳିଲେ ସେ ସିଂହପଥ ପୁର ।
ସ୍ୱଜନ ନାହାଂଶ ସ୍ୱରେ, କୃଷକ କେଦାରେ
ସାରସ ନୟନେ ଫେରି ଚାହେଁ ଥରେ ଥରେ ।
ମଣୁଛନ୍ତି କି ସେନାରେ ସେ ଦତ୍ତିମର ବଳ ?
ଝୁଣୁଛନ୍ତି କିପାଇଁ ତେବେ ଏସନ ବିକଳ ?
ଏହି ତବ ସିଂହପଥ ନଗରୀ-ଯୁବକ ।
ଏହି ତ ସଂକଟମୟ ଜୀବନ ମୂଳକ !
ସ୍ମୃତିରେ ତ ଏହି ତବ ମୃଦୁ ଆଶ୍ୱାସନା;
ସଂଶୟ ଏହୁତ ତବ ପ୍ରସଙ୍ଗ-ବାସନା;
ବିରହର ସହିବାକୁ ଏହି ତବ ଶାଂତି;
ଆହା ! ସେ ଜନମଭୂମିଁ କି ମଧୁର ଭ୍ରାଂତି !
ପ୍ରଣୟ ନ ପାରି ଛାଡ଼ି, ଏଥି ଖାରବେଳେ
ଆଣିଛ, ଜାଣିବ ଭଲ କେତେ କଷ୍ଟଗଲେ ।
ସତେ କି ସୁଗତ-କଥା ହେବର ଅଳୀକ ?
ସତେ କି ଦତ୍ତିମ ପୁଣି ଘେରିବେ ମୁଲକ ?
ଏସନ ସଂଶୟ ଯେବେ, ଆସିଲ କିପାଁଇ ?
ସାଂତ୍ୱନା ଖାରବେଳଙ୍କ କଂପା ଆଣିଲ ଭୁଲାଇ ?
ଶାଂତ ତେଣେ ଉପକୂଳେ ମୁକୁତାର ହାଟ;
ତାଂକ ଦସ୍ତଖୋଲେ ଲିରି ବସଂତର ନାଟ,
ସିଂଧୁ ସମୀରଣ ବହିଁ ବହେ ଗିରି-ଚୂଳେ;
ଖାରବ ଚୁଂବନ ସେଥେ ଲହରେ ଲହରେ ।
ସିଂଧୁ ମେଲି ବସିଅଛି ସଲିଳ-ପସରା,
କେଦାରେ କେଦାରେ ଭାଳେ ଷନରସ-ଧାରା ।
କି ଦେଖି ଭୁଲିବେ ଏଥି ସେ ଦେଶ-ବାଳକ ?
କାହିଁକି ଆଣିଲ ଏତେ ବନ୍ଧୁ ପ୍ରୀତି-ଭାବ ?
ସଂଶୟ କି ତେବେ ତବ ପୀରତି-ଭଆଣ ?
ବିସ୍ତରେ ମଣୁଛନ୍ତି କି, 'ସେ ବଂଚକ ଦତ୍ତିମ' ?
ଏତେ ଜନ୍ମଭୂମି ଲୋଭ ନ କର କିଶୋର;
ପୀରତିରେ ଭୁଲି ନୁହ ଏତେ ନାରଖାର ।
ଆର ସେ ଦତ୍ତିମ ହେବେ ସୁଗତେ ଶାସିତ,
ଜାଣ ନାକ ଅଛି ଭବେ ପ୍ରୀତି ଅଯାଚିତ ।

କି ପୀରତି ତବ ଏଥି, ରୁକ୍ଷ ଏ ନଗର ?
କପାଁ ଅଳି ମୁଖେ ଦିଏ ମକରଂଦ ଫୁଲ ?
ଏ ବିଶାଳ ଧରା କପାଁ ହସାଏ ତପନ ?
ଇଂଦ୍ରଧନୁ ଦେଖି କପାଁ ନାଚଇ ପରାଣ ?
କପାଁ ସହକାରେ ଚୁଏଁ ସ୍ୱେଦ ମଧୁବାତ ?
ଏ ଜଳରେ ସିଂଧୁ କପାଁ ବହଇ ସତତ ?
ବୁଝିଁ କି ପାରିବ ଏବେ ଏ ରହସ୍ୟ ତଳେ,
ଆଶାରେ ପୀରତି ରଖିଅଛ ଖାରବେଳେ ?
ଆଶାର ଇଂଗିତ ତବ ଶୁଭ ହେଉ ତେବେ,
ଯେ ଯାହା ବାସନା ଭବେ ଭୁଂଜଂତୁ ସରବେ ।

---

## ଚତୁର୍ଦ୍ଦଶ ଛାନ୍ଦ

ରାଗ—ପୂର୍ଣ୍ଣଭୈରବୀ

ଆସିଛନ୍ତି ବାରତା ଶୁଭ,
ଶିବିରେ ଉଠେ ଉତ୍ସବ,
ସିଂହପଥ-ପୁରୀ-ହାସେ ହସି ଉଠେ ଭୁବନ;
ସୁଗତ ଶାସନେ ଭୁଲି,
ଦତ୍ତିମ ସମର ଛାଡ଼ି,
କଳିଙ୍ଗ ଅଂତ ପଣ, କେବେ ନ ଧରିବେ କୃପାଣ ।

'ଆସଂତୁ ନଗର ଆଡ଼େ
ଆସଂତୁ ସେ ଖାରବେଳ,
ତୋଷଂତୁ ପରାଣଦାନେ, ଏ ଦତ୍ତିମ ଅଧମେ ।
ରହଂତୁ ସେ ଯାହା ଘରେ
ବଣିକ ତଥା ସାଗରେ,
ଆନଂଦେ କରଂତୁ ଲୀଳା ନକତର-ପୁଲିନେ ।'

ଗୁଂଦରୀ ପଡ଼ଇ ଝରି,
ଚାପିତ କପିନ ଗିରି,
ଉଲ୍ଲସି ଉଠଇ ଯଥା ସେ ଜୋଛନା-ସୁଭଗେ ।
ଶିଖର କୁଟୀର ପୁଷି,
ଏ ବାରତା ଗଲା ଖେଳ,
ପରଜା ଉଠିଲେ ଫୁଲି ଉଦ୍ଧତର ସୋହାଗେ ।

କମଳ ଗୁଂଦରୀ ଶିରେ
ଦେଖି ସୁଧାଂଶୁ-ମଂଡଳେ
ବଣିକ ଗଣଇ ସିନା ଧନାଗମ-କପଦ;
ଯୁବକ ବଜର-ବୀର
ଜାଣଂତି ଦରିମ ଖେଳ,
କାନ ଡେରି ଶୁଣଂତି ସେ ଦୂର-ବଜ୍ର ଶବଦ ।

'ଆଷାଢ଼-କମଳ-ନଭେ,
ଅଛଇ କି ଆଶା ଲଭେ ?
ଭଆଇଂତି ଖାରବେଳେ କଥା କହି ଏସନ;
ପାଂଡ୍ୟ ରାଜେ ଅବରୋଧି,
ନରୋଧି ସୁଗତ-ବୁଦ୍ଧି,
କନ୍ଧୁଆଂତି ରଖିବାକୁ ସଜାଡ଼ି ସେ ସଇନ ।

ଉତ୍ତପ୍ତ ଶଇଳ-ଶିଖା,
ମାରବ ରୁକ୍ଷ ବାଲୁକା,
କରଷ ତପନେ ହସେ ଅଟ୍ଟହାସ-କୋପନେ,
ସେହି ଅଟ୍ଟହାସ ପୁଣି
ଲଭି କମଳ ଗୁଂଦରୀ,
ଶୋଭଇ ସୁଂଦରୀ ମୁଖ ସ୍ମିତ-ଲେଖା-ବିଭ୍ରମେ ।

କ୍ଷୀଣ କଶି ଯାଏ ବହି,
ଚଂଦ୍ର ନଭେ ଥାଏ ରହି,
ଶଇଳ ବାଲୁକା ପୁଣି ଦପଦପି ବିକାଶେ;
ମଧୁର ଆଗ୍ରର-ଲୀଳା
ସୁଗତ ସଂଗତେ ଗଲା,
ମାତିଲେ ଦରିମ-କଶି-ଅଭିଯାନ-ବିଳାସେ ।

ଲୁଚ ଆସି ସେ ଯବନ,
ରଜନୀରେ ଭେଦି ବନ,
ରଣ-ଭେରୀ-ସିଂଘାତାନେ ପକାଇଲା ଚହଳ;
ପାଂଡ୍ୟ ହସିଲେ ପାଂଡୁର,
ସୁଗତ ହେଲେ ବଧୂର,
ଭଂଗ ଦେବେ ସିନା ଏବେ ସେ ବାହିନୀ ପଟଳ ।

ଏ ତ ନୁହେଁ ସିଂଧୁ କୂଳ,
ବାଲୁକା ମଯୂ ପଟଳ,
ଏତ ନୁହେଁ କଳିଂଗର ସୁଖବେଳା-ବିତାନ ।
ଏଥି ତ ବୋଇତ ନାହିଁ,
ପାଲ ଟେକ କୂଳେ ରହି,
ବୋଇତଟି ସିନା ପାଂଡ୍ୟ କଳିଂଗର ବିମାନ ।

କୃଷକ ଉତ୍କଳ ସେନା,
କେତେକ ମାତର ସିନା;
ଗିରି-ଦରୀ-ବନ-ପଥେ କବା ଏବେ ବିଗ୍ରହ ।
ବଶ୍ୟନାହିଁ ବାଟ ଘାଟ,
କଶି ତାମସ-ସଂକଟ,
କି ବୁଦ୍ଧି କରିବେ ଏବେ, ଅସହ୍ୟା ,ଏ କଜର ।

ସଇନେ ତରାସ-ରୋଳ,
ହତ ବୁଦ୍ଧି ଖାରବେଳ;
ମୁବକ ସେ କୁମାର, କି କପଟକୁ ଭାଜନ ?
ରହିଁ ପାଂଡ୍ୟ-ରାଜ-ମୁଖେ,
ପରାଣ ଥରିଲା ବୁକେ;
ମଣିଥିଲେ କପାଁ ସେହି ପାଂଡ୍ୟ ରାଜେ ପ୍ରବୀଣ ।

ପଟଳ ଶିବିରୁ ସେହି
ସମର ବିଗ୍ରହେ ବାହି,
କାହାଂତି ସେହି ଯୁବକ, ସିଂହପଥ-କୁମାର ।
ବୃଷଳ-ପତ୍ତ-ଶିବିରେ
ନାହାଂତି ସେ ରଜନୀରେ,
କି ହେଲା ହେ ଖାରବେଳ, ବିଶ୍ୱାସର କି ଫଳ ?

ବଂଚକ ବକ୍ଷିମେ ଧରି,
ଗୋପନେ ମଂତ୍ରଣା କରି—
ସତେ କି ଏ କଥା ! ଛିଃ, ଥରି ଉଠେ ପରାଣ ।

ତରୁଣ ହେ ଖାରବେଳ;
ତରୁଣ ତବ ବୟସ;
ଯାହା ଏ ଜଗତେ ସବୁ ଅସଂଭବ ଭଆଣ ।

ଗୋପନେ ଲୁଚାଇ ଦଳେ;
ରଖେ ଦ୍ରୁମେ କଉଶଳେ,
ପ୍ରଜାପତି ଡିଂବ; ତରୁ ରଖେ, କରି ଆଦର;

ସେହି ଡିଂବ କାଠ ପକ୍ଷୀ,
ସେହି ପ୍ରଜାପତି ପିଲ,
ଖାଇ ସେହି ଦଳେ, କରେ ସେ ପାଦପେ ବିକଳ ।

ସାଗରେ ପିବାକୁ ଜଳ
ଅସଂଖ୍ୟଲେ ଖୋଜେ ବଳ,
ଉରସେ ଫିଟାଇ ଦିଏ ଶିଳାଜଳ-ଝରଣା;

ସେହି ସେ ଝରଣା ଝରି,
ସେ ପଥରେ ଦିଏ ଚିରି;
ପିଲା ତୁଂଭେ ଖାରବେଳ, କରିଛ କି କଳ୍ପନା ?

କି ବିଚାର ଏବେ ବୀର ?
କାହିଁ ସେ ତରୁଣବର ?
କେତେ ରଂଗେ ମନ ତବ କରୁଥିଲା ପରଖ ।

ତେବେବେହେଁ କପାଇ ସତେ,
ଚମକି ଚମକି ଏତେ
ଭାବୁଥାଅ ଶୂନ୍ୟେ ଚାହିଁ କି ବିଚାରି ଯୁବକ ?

ଏହି ତ ତରୁଣ ଲୀଳା,
ବିଶ୍ୱାସେ ଏତେ ଭରସା,
ଜୀବନ-ସ୍ୱାଧୀନ-ଖେଳେ କି ବିଚିତ୍ର ଲାଳସା !

ପ୍ରଣୟେ ପରାଣ ଦେଇ,
ଛାଡ଼ିକି ପାରିବ ନାହିଁ ?
ନ ଛାଡ଼ି-ନ ଛାଡ଼ି, ବୀର, ପୂର୍ଣ୍ଣ ତବ ପିପାସା ।

—o—

## ପଂଚଦଶ ଛାଂଦ

ରାଗ—ଆହାରି ( ନଟବାଣୀ )

ନିଶି ଭେଦି ଭେଦି ସଇନ ଚଳିଲେ;
ବାଜି ଉଠେ ରଣ- ଭେରୀ ତାଳେ ତାଳେ ।
କଂଦରେ କଂଦରେ ବାଜଇ ସେ ଧ୍ୱନି;
ବିପିନ ଝଂକାରି, କଂପାଏ ଅବନୀ ।
ସଂକଟେ ସଂକଟେ ସଇନର ଆଟ
ସିଂହ ପଥ ପଥେ ଜଗିଛଂତି ବାଟ ।
ତାରକା ତରାସେ ଲୁହାଂତି ଗଗନେ,
ଗୁରୁ ମଂଦ୍ର ତାନ ଖେଳଇ ପବନେ ।
ବିଟପେ ମୁକୁଳ ହଲାଏ ପାଦପ,
ଠାବେ ଠାବେ ବହ୍ନି ଜଳେ ଦପଦପ ।
ଦୂରେ କୃଷୀବଳ ଅରକ୍ଷିତ ଘର
ନିରାଶେ ନିନାଦି ଯାଏ ଗୃହ ଛାଡ଼ି ।
ଖାରବେଳ ଏବେ ଲୁହାଂତି ତମସେ;
ଅଚିହ୍ନା ରାଇଜେ ବୁଦ୍ଧି ତ ନ ଦିଶେ ।
କୃଷକ ସଇନ- ନାୟକ-ଶିବିରେ
ବାର ବାର ପେଷ୍- ହଂତି କେତେ ଚରେ ।
ବେଳେବେଳେ ତିଳେ ଛୁଟଇ ବିଶ୍ୱାସ;
ଅବିଶ୍ୱାସେ କାହିଁ ଉଠଇ ସାହସ ।

ସେ ସାହସେ ଏବେ ତୋଳ ମଂତ୍ରଭେରୀ, ସଂକଟ ବରଜ ନ ଆସେ ଦର୍ପିମ,
ଗୁରୁ ବଜ୍ର ନାଦେ ଶଇଳ ମୁଖର, କେତେମଂତେ ସାଜ ରଖିଛୁ ସଇନ ।
ଛତ୍ରଭଂଗ ଭୟ୍ୟ ନରେଗ୍ଧି ସଇନେ, ଆସିବ ଅରୁଣ, ହସିବ ଅବନୀ,
ଚମକ କୁମାର ଉଠିଲେ ପର୍ଯାଣେ । ଦୃଢ଼ ଅବରୋଧେ କଳିଂଗ-ବାହିନୀ ।
ପ୍ରଭଶିଂଘା ନାଦ ଉଠିଲା ବିଶାଳ, ପଂଜୁରୀ-ଭିତରେ ମୟୂର ସମାନ
ଗିରି ଦରୀ ବନ ଭେଦ, ଉଠେ ରୋଳ ! ଦର୍ପିମ-ଭୁଜଂଗ କରିବ ଦଂଶନ !
ଉହ୍ଲାଦ ଫୁଟିଲା ସଇନର ମୁଖେ, ଏ ସଂଶୟ କାହିଁ ଖାରବେଳ-ହୃଦେ ?
ନାଚଲେ ସଇନ ପୁଲକ-ଚମକେ । ଫୁଲଂତି ସଇନ ଇଂଗିତ-ଉନ୍ମାଦେ !
ତାମସେ ରୂକଲେ ସଇନ କୁମାର, ଉଠଂତି ସଇନେ ଭେଦ ଗିରି ବନ,
ହତବୁଦ୍ଧି କେବେ ହୁଅଇ କି ଆର ? ଆପଣେ କୁମାର ଚଳାଂତି ସଇନ ।
ଖିପ୍ର ରଣ-ସାଜେ ଚପଳାର ଖେଳେ ଦୁରୁ ଦୁରେ ପୁଣି ଶୁଭେ ଭେରୀ ନାଦ,
ଦରେ ଦରେ ବୁଲି ସଇନର ଦଳେ, ଦୂରୁ ଥର ଥର ଆସଇ ଶବଦ ।
ଯେତେ ଦେଖିଥିଲେ ତପନେ ସଂକଟ, ସେ ନାଦେ ଦଇଂତ ପ୍ରଭ ଶିଂଘା ବୀର;
ଯେତେ ଅବା ସେତୁ ଜାଣିଥିଲେ ବାଟ, ଗରଜ ଉଠଂତି କଳିଂଗ ଉତ୍କଳ ।
ଅନୁମାନେ କେତେ ଭେଦ ଦରୀ ବନ ଉଠିଲେ ଏବେ ସେ ସଂକଟ-ଉପରେ,
ବିଷମେ ବିଷମେ ସଜାଇ ସଇନ, ଦେଖିଲେ ଦର୍ପିମ- ସଇନ ଆଦୁରେ ।
ତାମସେ କୁଶଳ ଇଂଗିତ ଚଳାଇ ସେ ସଇନେ କପାଁ ଉଠଇ ତଦ୍ଦଳ ?
ସିଂହପଥ ପଦ ଦେଲେ ସେ ଘେରାଇ । କଳିଂଗ ଉତ୍କଳେ କପାଁ ଉଠେ ରୋଳ ?
ସାହସ ଉଲ୍ଲାସ ଖେଳିଲା ଚଳକେ; ଖାରବେଳ ସେନା ଦଇଂତି ଚଳାଇ,
ମୁଖରେ ବିପିନ ହୁଂକାର-ପୁଲକେ । ସଂକଟେ ଯବନ ଯାଆଂତି ପଳାଇ ।
ତାମସ ସମରେ ପଡ଼ିଲେ ସଇନ, ଆସନ୍ତି ପୁଣି ସେ ଖଂଡି ଦୁରୁ ଫେରି,
ଅପେଷି ରହିଲେ କୁମାର ଅରୁଣ । ଦୁଇ ପାଶେ ଦେଖୁ- ଛଂତି କି ବଇରୀ ?
ତାଳେ ତାଳେ ପୁଣି ଉଠେ ଶିଂଘା ବାଜି, ଗିରି ପରପାରେ ତେବେ କି ବଜର,
କଦଂବେ ତୁରଂଗ ଉଠଂତି ଗରଜି । ଭେଟିଛଂତି ଭେରୀ- ନାଦେ ଖାରବେଳ ?
ଦୁରୁ ଦୁରେ ଏବେ ଶୁଭେ ଭେରୀ ନାଦ, ଉନ୍ମତ୍ତ କଳିଂଗ ସମର-କୁହାଟେ
ଗିରିଚଳ ଡେଇଁ ଆସଇ ଶବଦ । ଉଠିଲେ ସବେଗେ ଶିଖର-ସଂକଟେ ।
କଂପି କଂପି ଆସେ ତାମସ ଲହରୀ, ଫିଟି ଆସୁଅଛି ଫଉଜ ପ୍ରଭୁତେ;
ଗିରିତଟେ ଉଠେ କଳଂଗର ଭେରୀ, ବିକଳ ଦର୍ପିମ ଗୃହାଂତି ମାରିବେ ।
ସତେ ଏତେ ଦୁରେ ଗିରି-ପର ପାରେ ଗୃହଁ ମିଶିଗଲେ ସଇନର ଦଳ,
ବ୍ୟାପିଛି ଯବନ ସଇନ-ସଂଭାରେ ? ଏ ପାଖେ କଳଂଗ, ସେ ପାଖେ ବଜର !
ଅପୂଟ ସଇନ- ରେଳ ପୁଣି କେବେ ଶଶବ୍ୟସ୍ତ ହେଲେ ଦର୍ପିମର ଥାଟ,
ସଂକଟ ଉପରେ ଗିରି ତୁଳେ ଶୁଭେ । ଗିରିପଥେ ସେହୁ ନ ଜାଣଂତି ବାଟ ।

ସଂକଟ ଉପରେ ଗିରି ଶୃଂଗ ଶିରେ
ବରଷନ୍ତି ଶର ଶଇଳ ବକ୍ଷରେ ।
ଚମକେ ଚମକେ ଖାରବେଳ ଚହିଁ
ଗୁରୁ ଭେରୀ ତୋଳ, ଦିଅନ୍ତି ବଜାଇ ।
ଗିରି ଚୂଳେ ଉଠେ ପ୍ରତିଧ୍ୱନି ଘୋର,
ବିକଟ ଡିଣ୍ଡିମ ହେଲାଣି ବିହ୍ୱଳ ।
ଭେରୀ ନାଦେ ନାଦେ ଥରୁଛି ତା' ହୃଦ,
ସଂକଟେ ସଇନ ଗଣନ୍ତି ବିପଦ ।
ବଳମ ସାମ୍ବୁକ ପଡ଼ୁଛି ଉପରୁ,
ଟଳି ପଡ଼ନ୍ତି ସଂକଟ-ଶିଖରୁ;
କପଟ ଖେଳବେ ନାହିଁ ତଳେ ବାଟ,
ତଳେ ଶୁଭୁଅଛି କଳିଂଗ-କୁହାଟ ।
କେତେ ସେ କଳିଂଗ ପଡ଼ୁଛନ୍ତି ବାଣେ,
ବାଟ ଜଗି ରହି- ଛନ୍ତି ପ୍ରାଣପଣେ ।
କଳିଂଗ-ନଗରୀ- କୁମାରୀ-ଶିଖର
ସୁମରି ସୁମରି ବୀର ଖାରବେଳ,
ସେନା-ମୁଖେ ରହି ଜଗିଛନ୍ତି ବାଟ,
ଶୋହୁଅଛି ଶିରେ କଳିଂଗ କିରୀଟ ।
ସେ କିରୀଟ ଏବେ ଅରୁଣେ ଝଲକେ,
ଲକ୍ଷ୍ୟ ସେ କିରୀଟ ଆସନ୍ତି ସାମ୍ବୁକେ ।
କି ସାହସେ ତେବେ ସେନା-ମୁଖେ ଯୁବା,
ସାମ୍ବୁକ-ଆଶାରେ ରହିଛ ହେ ଉଭା ?
ନୁହେ ଖାରବେଳ, କପଟ ଯବନ,
ପଛେ ରହି ସେହୁ ନ ଜାଣନ୍ତି ରଣ ।
ସଇନ ପେଷିବେ କେସନେ ସମରେ ?
ପ୍ରାଣ-ଭୟେ ପଡ଼ି ରହିବେ ପଛରେ ।
ପଶ୍ଚିମେ ସିନା ସେ କୂଟମାନ୍ତି ଶୋହେ;
ଛୁଇଁ ନାହିଁ ତାହା ଆର୍ଯ୍ୟର ବିଗ୍ରହେ ।
ପଲକେ ପଲକେ କାଟୁଛନ୍ତି ବୀର
ଭୀଷଣ ବରଷୁ ଆଶୁଗ-ଆସାର ।
ଯବନ-ସଇନେ କେବେ ଶତ ଯୋଧ
ଖାରବେଳେ ଲକ୍ଷ୍ୟ ପେଷନ୍ତି ଆୟୁଧ ।

କେଉଁ ଭଦ୍ର-କଥା ଶୁଣିଛନ୍ତି ବୀର;
ମହାଭାରତେ ତ ନାହିଁ ଏ ସମର ।
ଚମକି ଚମକି ଚହିଁ ଥରେ ଥରେ,
ନ ଦେଖି ଅରାତି ଦେଖନ୍ତି ଉପରେ ।
ଦେଖନ୍ତି ବଜର- ଚଞ୍ଚଳ ଲହରୀ,
ଶୁଣନ୍ତି ସରାଗେ ବଜରର ଭେରୀ ।
ନାଚଇ ହୃଦୟ ତରୁଣ ବିଗ୍ରହ;
ଅରୁଣ-ଉଦୟ ଗିରିଚୂଳ ଶୋହେ !
ବେଳେ ବେଳେ ବୀରେ ଭେଟଇ ସାମ୍ବୁକ;
ନ ମାନି ସେ ଘାତ ଯୁଝନ୍ତି ଯୁବକ ।
ସଇନେ ଫୁଟଇ ନବୀନ ସାହସ,
ସେନା ମୁଖେ ଯୁବା ଢାଳନ୍ତି ସରସ ।
ସଂକଟେ ଯବନ ପଡ଼ି କେତେ କାଳେ,
ବହିବେ ଆରତି ନୁଆଁଇ ଶରୀରେ,
ଚାହିଁଛନ୍ତି ବୀର କଳିଂଗର ନେତା
ବୃଥା ରକ୍ତପାତେ ନାହିଁଟି ମମତା ।
ନ ପେଷି ଆୟୁଧ ରହିଛନ୍ତି ଧୀର;
ନରହନ୍ତା କେବେ ହୁଅଇ କି ବୀର ?
ପତିତ ଅରାତି ନାଶିବେ କେମନେ ?
ଚାଲି ଚାଲି ଧୀରେ ଚଳନ୍ତି ସଇନେ ।
ଗିରି ଶିଖେ କେବେ ଉଠଇ ସାମ୍ବୁକ,
ହୁରୁ ଦେଖି ହେଲେ କାଟନ୍ତି ଯୁବକ ।
ଅଲକ୍ଷିତେ ଏବେ ଆସେ ତୀବ୍ର ଶର,
ଶର ସଂଗେ ସଂଗେ ଶୃଂଗ ବାଜବର ।
ଚପଳା ଚମକେ ଖସିଲା ଶିଖରୁ;
ଯବନେ ଗୃହାନ୍ତି ହାସେ ଯଥା ଗୁରୁ ।
ଭେଦ ସେ ଆସିଲା ଡିଣ୍ଡିମର ଥାଟ,
ଝଲସେ ଅରୁଣେ ବଜର-ମୁକୁଟ,
ନରୋଧି ପାରିଲେ ନାହିଁ ସେ ତୁରଂଗ,
ଶୂନ୍ୟ ରହିଛନ୍ତି ଚହିଁ ଚତୁରଂଗ ।
ପୁଲକେ ପ୍ରସାରି ବିଶାଳ ଶ୍ରୀକରେ,
ଅପେକ୍ଷି ଚହିଁଲେ କୁମାରୀ ବକ୍ଷରେ ।

ଉଦାର ଉରସେ ଗୁପ୍ତ ଲୁଗା ପରି
ପଶିଲା ଶାମ୍ବୁକ, କଂଚୁକ ବିଦାରି ।
ସମରର ପଣେ ରଖି ବୀରମଣି
କେତେ ସେନା କେତେ ସାମଂତ ଗ୍ରାମଣୀ ।
କେତେ ଶର ଘାତ ସହି ଖାରବେଳ,
କେତେ ସେ କଦନ ନ ମାନି କୁମାର,
ଜଗିଥିଲେ ବାଟ ବିଷମ ସଂକଟେ,
ଉଜମା ତାମସେ ଗଗନର ଆକଟେ,
ବୀରରସ ପୂରି ଉଠୁଥିଲା ହୃଦେ,
ଚଳାଇ ସଇନ ହସୁଥିଲା ମୁଦେ ।
କି ହେଲା ଏବେ ସେ କାହିଁ ମୋଦ ରସ ?
କାହିଁ ବା ହୃଦେ ସେ ବିଶାଳ ସାହସ ?
ପଳେଇଗଲେ ବୀର ତୁରଂଗ ଆଦରି,
ଯବନ ବଂଚକ ଗଲେ ଯେତେବ ହାରି ।
ବଜର ଚାହିଁଲେ କୁମାର ଲପନେ;
କୁମାର ଚାହିଁଲେ ନୀରସ ଲୋଚନେ,
ଚପଳା-ସ୍ଫୁରଣେ ଘୋଟିଲା ଅଂଧାର;
ପଲକେ ପାଂଡୁର ଦିଶିଲେ କୁମାର ।
କନକ ଅରୁଣ ଖେଳଲା ବିପିନେ,
ବିଜୟ-ସୋହାଗେ ବଜର-ସଇନେ ।
ବଜର-ଯୁବକ, ଏବେ କି ବିସ୍ମର ?
ନ କହି ଛାଡ଼ିଲ କିପାଁ ଖାରବେଳ ?

—o—

## ଷୋଡ଼ଶ ଛାଂଦ

ରାଗ-କଳହଂସ କେଦାର

ବଜର-ବୀର ଧରି ବଜର ବଳ,
ଗୁପତେ ସଂଗେ କରି କେତେ ଉତ୍କଳ
ଚିହ୍ନପଥ ଜଗିଲେ ରଜନୀ-ଭାଗେ,
ଯବନ-କୂଟ-ନୀତି ଜାଣି ସେ ଆଗେ ।
ଛାଡ଼ି ଦଡ଼ିମ ଏବେ ଗଲା ବଜର,
ବଣିକେ ଛାଡ଼ିଗଲା ସାଗର-କୂଳ;
ବଜରରାଜ ଏବେ ଆସିବେ ପୁରେ,
କେତେ କରିବେ ଯଶ ବଜର ବୀରେ !
ସେ ଯଶ-ଆଶା ଲଭି କାହିଁ ଉଲ୍ଲାସ ?
କାହିଁ ସେ ପଟଳର ରହୁ ସୁହାସ ?
କମଳ କଳ ଭେଦି ପଶିଛି କୀଟ,
ଦଳେ ଦଳେ କରତି କାଟୁଛି ବାଟ;
ସେ କାହିଁ ବିକାଶିବ ମଳୟ-ହାସେ,
ବିପିନ-ଲୀଳା ଦେଖି ସୁମନ-ବାସେ ?
ଦେଖଉଛଂତି ସେ ଗିରି- ବିପିନ-ମାଳ,
ଜୀବନେ ଘୋଟୁଅଛି ଘୋର ଅଂଧାର ।
ଯାଉଛି ପୁର ଗ୍ରାମେ ଉତ୍ସବ ଲାଗି;
ସେ ସୁଖେ ବୀରହୃଦ ଯାଉଛି ଭାଂଗି ।
ଆସିବେ ବାପ, ପୁଣି ଆସିବେ ଭାଇ,
ସେ ଆଶା ବୀର-ମନେ ଆସଇ ନାହିଁ ।
ନିରତେ ଚାହିଁଅଛି ସେ ଖାରବେଳେ,
ତଳପେ ରହି ଆପେ ବସିଛି ତଳେ ।
ପାଂଡ୍ୟ କହଂତି କେତେ ସାଂତ୍ଵନା ଦେଇ,
ସେଥିରେ ବୀର ଭଲେ ଭୁଲିବ କାହିଁ ।
ସୁଗତ ଦେଉଛଂତି ଭେଷଜମାନ,
ଆଦରେ କ୍ଷତ ଖୋଜି କରେ ଲେପନ ।
ଚାହୁଁଛି ଖାରବେଳ- ତରୁଣୀ-ମୁଖେ;
ଦେଖୁଛି, ହୃଦ ଅଛୁ- ଅଛି କି ବୁକେ ।
ନାଡ଼ି ପରଖି କେବେ ଦେଖୁଛି ବୀର,
ବାରୁଛି ଥରି ଥରି ଅଛି କି ଜର !
ଡାକୁଛି କେବେ କେବେ ମଧୁର ନାଦେ,
ପ୍ରଭାତେ ଅଳି ଯଥା ଡାକେ କୁମୁଦେ ।
ଦେଖଇ, ଭ୍ରମେ ଥରି- ଯାଏ ଅଧର,
ଅର୍ଧରେ ବିସ୍ମରଇ, ଫିଟିବ ସ୍ଵର ।
ଆଶାର ଭ୍ରମ ଯାଏ ପଲକେ ଛାଡ଼ି,
କେବେ ନୟନୁ ଧାରା ପଡ଼ଇ ଗଡ଼ି ।

‘କାହିଁ ଆଣିଲ ବୀରେ    ଏହି ମୂଲକେ ?
ଆସିଥିଲେ ସେ ଆହା    କେତେ ପୁଲକେ !
ନ କହି ତେବେ କାହିଁ    ଅଂଧାରେ ଗୁଡ଼ି,
କାହାକୁ ଦେଇ ଧନ,    ଗଲ ବାହାରି ?
ଯାଇଛୁ ହୃଦ ଦେନ,    ଫେରିବ ନାଇ;
ବଜର-ବାସେ କାହିଁ    ହେଲ ମୁଁ ବାଇ ?
ଜାଣି ତ ଥିଲ ମୁହିଁ    ଦରିମ-ଗୁଣ,
ଜାଣି ତ ଥିଲ ତା'ର    ବଂଚକ-ପଣ ।
ଏ ଦେଶେ ଆଣିଲ ମୁଁ    ବୀରେ କି ଆଶେ ?
ଆସିଲେ ବଂଧୁ ସତେ    ପୀରତି-ପାଶେ ?
କି ଯୋଗେ ଦେଖିଥିଲେ    ମୋତେ ସେ ବୀର ।
କରୁଥିଲେ କପାଇ    ଏତେ ଆଦର !
ଜୀବନେ ଦେଖି ନାଇ    ଜନମ-ସୁଖ;
ବାଳୁତକାଳୁ ନେଲେ    ମୋତେ କୁଷକ ।
ସଖା ବୋଲି ଜୀବନେ    ଜାଣି ମୁଁ ନାହିଁ;
କିଣିଲେ ଖାର ମୋତେ    ଜୀବନ ଦେଇ ।
ଆହା ସେ ଖାରମଣି    ଜୀବନ-ପଣେ
ଜଗି ଥିଲେ ସଂକଟ    ବଜର-ବନେ ।
ଅବିଶ୍ୱାସେ ଆଦରି    କବା ବିଶ୍ୱାସ,
ଆଶ୍ରିତ ଜନେ ଦେଇ    କେତେ ସାହସ,
ନ ଗଣି ବିପଦ ସେ    ମରଣ-ମୁଖେ,
ଆଶ୍ରିତ ରଖି, ଶର    ଧଇଲେ ବୁକେ !
ତଳେଇଦେଁ ଯେବେ ସହି    ଥାଆଂତା କାଳ,
ଚିରି ଦେଖାଇଥାଂତି    ସତେ ଅଂତର ।
ସେ ଭାଗ୍ୟ କାହିଁ ଛାର    ଏ ମୋ କପାଳେ ?
ମୁଁ. ନିକ ଭାଜନ ସେ    ବିଶାଳ ଖାତେ ?
ଚପଳ-ପରାଣ ମୁଁ    ସହଜେ ନାସ୍ତି,
କାହିଁ ! ଆସିଲ ଗିରି-    ଶିଖର ଗୁଡ଼ି ?
ଶର ନ ପେଷି, ଖାର    ଥିଲେ ତ ଚାହିଁ,
ପତିତ ସେ ଦରିମେ    କରୁଣା ବହି ।
ବିଶାଳ କରୁଣାର    ସେ ରୂପ-ଠାଣି
ସତେ ଏ ଭବପୁରେ    ଦେଖିବି ପୁଣି ?

କି ମୋହେ ପଡ଼ି    ତେବେ ଆସିଲି ଧାଇଁ,
ଜୀବନ-ଧନ ଆଉ    ପାଇବି କାହିଁ ?
ଥିବ ତ ଘରେ ଚାହିଁ    ଜନମ ତା'ର;
ଘଡ଼ି ଘଡ଼ିକେ ହେଉ—    ଥିବ କାତର ।
ଚାହିଁ ସେ ବସିଥିବ    ବୋଇତ-ପଥେ,
ପଚାରୁ ଥିବ ଦେଖି    ବଣିକ କେତେ
ବାଜୁଥିବ ପବନ    କାନ୍ଦ ଉଡ଼ାଇ,
ଝଡ଼ ପବନେ ହେଉ-    ଥିବ ସେ ବାଇ !
ଫେରିବେ ଯେବେ ଘରେ    ସଇନମାନେ,
ଜନମ ପଚାରିବେ    ଯେବେ ଯତନେ,
ଶୁଣି କି ପାରିବେ ସେ    ଏ ସମାଚାର ?
ଶୁଣି କି ଜାଣିବେ ସେ    କରମ ମୋର ?
ସତେ ଆଉ ଏ ଦେହେ    ଫିଟିବ ଆଖି ?
ସତେ କି ପଚାରିବେ    ସେ ମୋତେ ଡାକି ?
ଦିନେ ଦିନେ ବୁଡ଼ଇ    ରବି ଗଗନେ,
ପୁଣି ଉଠଇ ଦିନେ    ଦିନେ ଅରୁଣେ;
ମୁକୁଳ ଉଠେ ଧରା    ଶାରଦ ହାସେ,
କଂପି କଂପି ତାରକା    ବୁଡ଼େ ଆକାଶେ;
ପଲକେ ଥରଥର    ବାହାରେ ପୁଣି;
କି ଅନୁରାଗ ଚାହେଁ    ପୁଣି ଅବନୀ !
ସେ ଅନୁରାଗ ଆଉ    ଏ ମୋ ଜୀବନେ,
ଏ ଭବପୁରେ, ପୁଣି    ହେବ କି ଦିନେ ?
ନାଚୁଛଂତି ପୁଲକେ    ସଇନ-ଦଳ;
ଦେଖିବେ ବୋଲି ଚାହିଁ—    ଛଂତି ବଜର;
ଜାଣଂତି ନାହିଁ ମୋର    ସ୍ୱରୂପ ତଳେ ।
ବଜର ଆହା ଯେବେ    ଆସିବେ ପୁରେ ।
କରିବେ ମୋତେ କେତେ    ଆଦର ସତ;
କାହା ମୁଖ ଚାହିଁ ମୁଁ    ହେବି ଉଷତ ?
ଗୋପନେ କହିବି ମୁଁ    କି ସମାଚାର ?
କି ଅନୁମତି ପାଇଁ    କରିବି ଗୋଳ ?
ଆଉ ଜୀବନେ କାହିଁ    କଳଂକେ ଯିବି ?
ଆଉ କି ଖାରବେଳ    ଫେରି ପାଇବି ?

ଜାଣି ନାହାଁନ୍ତି ଯାର ମୋତେ ସ୍ୱରୂପେ,
ଜାଣି ନାହାଁନ୍ତି ଯୁ ଯୁ ମରମ-ତାପେ ।
ଚମକେ ଦେଖିଥିଲେ ତଟିନୀ ତୀରେ,
ଜାଣି ମୁଁ ନାହିଁ, ମନେ ଅଛୁ କି ଭଲେ ।
ତରୁଣ ଅନୁରାଗ, କି ଅଛୁ ତହିଁ ।
ଜାଣି କି ପାଶୁରିବେ, ନ ଜାଣେ ମୁହିଁ ।
ଜାଣି ବିରାଗ ଯେବେ କରନ୍ତେ ସେହୁ;
ଚନ୍ଦନ କରିଥାନ୍ତି ବିରାଗ-ଦାଉ ।
ସେ ପଦ-ସୁମରଣେ କାଟନ୍ତି ଦିନ;
କରିଥାନ୍ତି ଜୀବନେ ସୁଖ-ସ୍ମରଣ ।
ତାପସ ବ୍ରତ ସେହି ସ୍ମରଣ-ରସେ
ଜୀବନ୍ତ କରନ୍ତା ମୋ ଶୁଷ୍କ ସନ୍ୟାସେ ।
ନିଷ୍କାମ ପ୍ରୀତିର ପୁଣ୍ୟ ସୋହାଗେ
'ସରସ କରିଥାନ୍ତି ସେ ଅନୁରାଗେ ।'
ଭିନ୍ନ ଭିନ୍ନ —ଏସନ ଆସଇ କେବେ,
ନୀରସ ନେହେ ଚୁହିଁ ଶାରଦ ନଭେ ।
ନୀରସ ମେଘମାଳା ଭାସେ ଗଗନେ,
ନୀରସ ଦୀପେ ତା'ରା ଶୂନ୍ୟେ ମଉନେ,
ନୀରସ ତମେ ଦୂରେ ଶଇଳ ଦିଶେ,
ମାଳତୀ ଫୁଟେ ବନେ ନୀରସ ବାସେ,
ଦକ୍ଷିଣ-ସମୀରଣ ବହେ ନୀରସ,
ସ୍ମରଣେ ଉଠେ ସେହି ଦକ୍ଷିଣ ଦେଶ ।
ନିପୁଣ ଅଳିମାନେ ଉଠଇ ଭରି;
ଶୁଷ୍କ ସନ୍ୟାସେ ଯାଏ ପରାଣ ଅରି ।

---

## ସପ୍ତଦଶ ଛାନ୍ଦ

ରାଗ-ମଂଗଳ ବରାଡ଼ି ( ଖ୍ରୀଷ୍ଟବାଣୀ )

ବଜର-ପୁର-ତହଳ
ଭେଦି ବନ ଗିରିମାଳ,
ଶୂନ୍ୟ ଚକ୍ରବାଳେ ଆଜି ଯାଉଛି ଖେଳି;

ଅରୁଣ ତପନ ହସ,
ବନ ଗିରି ପରକାଶି,
ବଜର-ଚଉଳମାଳେ ଦିଶେ ଉଜଳ ।

ଶାରଦ ସମୀର ଧୀରେ
ଲହରୀ-ବିତାନେ ଥରେ,
ଖେଳାଇ ମଧୁରି ସେହି ଚଉଳମାଳା ।

ଉଠି ଶଂଖ ହୁଳହୁଳ,
ଯାଉଛୁ ସମୀରେ ଖେଳ,
ତରଂଗେ ତରଂଗେ ରଚି ମୋହନ ଲୀଳା ।

ରାଜା ଯୁବରାଜ ଭୁଲେ
ପଶି ଅଛନ୍ତି ବଜରେ,
ପରଜା-ତାପତ ଆଶା ଯାଇଛି ପୂରି ।

ବାଟେଘାଟେ ଫୁଲମାଳା;
ସଇନର ଶୋଭାମେଳା;
ପୁର ଜନପଦେ କିବା ଫୁଟଇ ଶିରୀ ।

'କିଏ ବଜର-ତରୁଣ,
ଜଣି ସେ ଥିଲେ ଯବନ,
ରଜନୀ-ତାମସେ ଗିରି-ସଂକଟେ ପଶି ?'

ନ ପୁଛନ୍ତି କେହି ଥରେ
ନ ଖୁହାଁନ୍ତି ଖାରବେଳେ,
ରୋଗଶେଯ-ପାଶେ ଥାଏ ତରୁଣ ବସି ।

ଉତ୍କଳ କଳିଂଗ-ଜନେ
ଅଲପ ହରଷ ମନେ
କେତେ ବା ସେ ଉତ୍ସବରେ ଯାଆନ୍ତି ଭାସି,

ପାଂ୍ୟରାଜ ସନମାନେ
ସୁଗତ ଯତି-ବିଧାନେ
ଅଛନ୍ତି ବଜର-କୂଳେ ଆଲାପେ ରସି ।

ସଂଦେଶେ ଯୁବକଙ୍କର
ନ ଛାଡ଼ନ୍ତି ସେ ବଜର,
ଅଳପ ମଉନେ କଥା ସେନନ୍ତି କେବେ ।'

'କଏ ସେ ସେହ୍ନ ଯୁବକ,
ଜଣିଲେ ଏହ୍ନ ମୁଲକ ?
ମନେ ଭାଳ ହୁଅନ୍ତି ସେ, ଶୁଣନ୍ତି ଯେବେ ।

ବାରୁଣୀ-ବଳୟେ ରଞ୍ଜ-
କଂପିତ-କନକ-ଛବ
ଦଶିଲା, ବୁଡ଼ିଲା ଦନ, ଆସିଲା ରାତ,

ଧାଡ଼ ଧାଡ଼ ଦୀପମାଳ,
ଉଜଳ ଉଠିଲା ପୁର,
ଗିର-ଚୂଳେ ଚୂଳେ ତାରା ଉଠିଲା ରାତ ।

ରଜନୀ-ଉଛବ ସାର,
ପାଂଡ୍ୟ ସୁଗତ ବାହାର
ଗଲେ ଯେଝା ବାସେ; ରାତ ହୋଇଲା ଅଧ ।

ଲଭିଲା କେତେ-ଅନଳ,
ମଉଳିଲା ପୁର-ରୋଳ,
ଗରଜିଲା ନଶା, କାହିଁ ନାହିଁ ଶବଦ !

କଏ ସେ ଏ ଶତ୍ରୁ ସାଥୀ,
ଏ ତାମସ ନଶି ଭେଦ
ଭେଟିଗଲା ଆସି ରାଜପୁର-ଦୁଆର ।

ପ୍ରମିତେ ପ୍ରହରୀ ବୃନ୍ଦେ,
ବଜର-ମୁକୁଟ ଶୋହେ,
ବଜର-କଂଚୁକ ଦଶେ ବକାଶି ତା'ର ।

ଭତରେ ପଶିଲେ ବୀର,
ବସ୍ମୟେ ପ୍ରହରୀକୁଳ
ବୃହିଛନ୍ତି, ବାଧାଦେବେ, ନାହିଁ ସାହସ ।

ନୃପେ ଆଜ ନଦ୍ରା ନାହିଁ,
ପୁଟରେ ରହିଛନ୍ତି ଶୁହିଁ,
ଚମକେ ସୁରିଲେ ସେହ୍ନ ଦତ୍ତିମ-ହାସ ।

ଆସିଲେ ଭତରେ ଯୁବା,
ମୁକୁଟ କ ମନ-ଲୋଭା ।
ପ୍ରଣମିଲେ ରାଜପଦେ ନୁଆଇଁ ଶିର ।

କାଢ଼ିଲେ ମୁକୁଟ ନାରୀ,
କଂଚୁକ ଦେଲେ ଉତାର,
ଗଦଗଦେ ନୃପବର ହେଲେ ଅଧୀର ।

"ତୁହ୍ନ କ ମୋ ଧୂସ୍ତି ବାଳା,
ହଷାଦେ ପ୍ରାଣ-ପସରା,
କାହିଁଥିଲୁ, କେମଂତେ ତୁ, ଏ ରୂପ ଧର ?

କାହାଂତ କୃଷକ ପଣ ?
ବଧିର ଏ କ ନସ୍ୱତ ?"
ବୋଲି, କୋଳେ ଧର ନୃପ ଗଲେ ତରଳ ।

ବାଷ୍ପଭର ଧୂସି ବାଳା,
ଜନକେ ଲୋଚନ-ଧାରା,
ଟଣର ନଶୀଥ ସାର ଗଲା ମଉନେ ।

କେବେ ବାଷ୍ପ-ଗଦଗଦେ
ପଚ୍ଚରଂତ ନୃପ ପଦେ;
କ କହବେ ଧୂସି ହୃଦ ଥରେ ସଘନେ ।

'କାହାବଳେ ଏତେ ବଳ
କାହାଂତ ସେ ଖାରବେଳ ?'
ପଚ୍ଚରଂତ ନୃପ ବାଳା ଉଠଇ କାଂଦ ।

କେମଂତେ କହବ କଥା,
ମରମ-ରାତ୍ର-ବାରତା ?
କ ମୋହନ ମଂତ୍ରେ ପ୍ରାଣ ରଖିଛ ବାଂଧ ।

ସଂକେତେ ସଂକେତେ ପିତା
ବୁଝିଲେ ପ୍ରଣୟ କଥା,
ବୁଝିଲେ ସେ ଛଦ୍ମନାରୀ-ପ୍ରଣୟ-ଖେଳ ।

ସ୍ଥୂଳମଧ୍ୟ-ମଣି-ପର
ପ୍ରଣୟ-ତପନେ ନାରୀ;
ବୁଝିଲେ ରାଜନ ଶକ୍ତି ପ୍ରଣୟ-ବଳ ।

ପ୍ରଣୟେ ଗଲା ଦମ୍ଭିମ,
ବଜ୍ରର ଛଣିଲା ପ୍ରେମ,
ପୀରତିର ଅସାଧ୍ୟ କି ଜଗତେ ଅଛି ?

ମୁକୁଟେ ପୀରତି ଜଳେ,
ପ୍ରୀତି, ଧାତ୍ର କରବାଳେ;
ପୀରତି-ଜଗତେ ନାହିଁ ଅଦ୍ଭୁତ କିଛି ।

ଶ୍ଳେଷ ସୁହାଣୀର ହାସେ
ଦ୍ରବିଯାଏ ପ୍ରାଣ ରସେ;
ଶୋଣିତର ଲୀଳା ସେହି ପାରେ କେସନ ?

ଶ୍ୟାମକାଂତ ଏ ପୀରତି,
ଅଦ୍ଭୁତ ଏହାର ଗତି;
କେ ଗାଇବ ସେ ପୀରତି-ତତ୍ତ୍ୱ-ବିଧାନ ?

---

## ଅଷ୍ଟାଦଶ ଛାନ୍ଦ

ରାଗ-ଘଂଟାରବ

ସାରା ବଜାର ମୂଲକ ନତ ଦେଖି ସେ ଯୁବକ
ବସୁରଂତି, 'ସତେ କୃଷକ ଏ ଯୁବା,
ଅବା ସେ କଳଂକ-ଲୋକ ।'

ରାଜା ଯୁବରାଜ ଦୁଇ କଳଂକ-ଶିବିରେ ଯାଇ,
ଦେଖଂତି, ସେ ପୁଣି ପରାଣ ଆବେଗେ
ଖାରବେଳେ ଥାଏ ଚାହିଁ ।

ଆହା ଖାରବେଳ ବୀର, କଣ ଏତେ କଉଶଳ,
ରଜନୀ-ଚାମରେ ସିଂହପଥ ରଖି,
ଏହିକି କରମ-ଫଳ ?

ଦିନୁ ଦିନ ଗଲା ବହି ସେହି ଖାରବେଳେ ଚାହିଁ;
କେମଂତେ କହିବି, କେତେ ସେ କଟିଲା
ରାତି, ଉଜାଗର ରହି ?

ସ୍ୱପନେ କେବେ ସେ ପୁଣି ଚମକି ଉଠି ନ ଜାଣି,
କି ଯେ କହୁଥାଂତି, କିଏ ସେ କହିବ,
ଅବୁଝା ଭାରତୀ ଶୁଣି ?

କିଏ ଥାଏ ପାଶେ ବସି, କଥା ନ କହେ ଭରସି
ସ୍ୱପନେ ସ୍ୱପନେ ଯାଉଛି ପରାଣେ
କି ନୟତି ପରକାଶି ?

କାହା ଧୀର କମ୍ର କର ପରଶି ଯାଏ ଶରୀର ?
ପରଶେ ପରଶେ ଉଲ୍ଲସି ଉଠଇ
ସତେ କି ସ୍ୱପନେ ବୀର ?

ଗୁରୁ ଆଖିପତା ଫେଇ, କେବେ ସେ ଦିଅଂତି ଚାହିଁ,
ମୁକୁଟ-କିରଣେ ଝଲସେ ନୟନ,
କୁମାର ନ ପାରେ ସହି !

ଏ କି ମୁକୁଟ-ବେଭାର, ଏ କି ରୋଗୀ-ପରିଷ୍କାର
କି ଦେଖିବ ବୋଲି ଫିଟାଏ ନୟନ
କହି କି ପାରିବ ବୀର ?

କେତେ କାଳେ ବଳ ପାଇ, ଫିଟାଇ ଅଧର ଚାହିଁ,
'ସେନାପତି' ବୋଲି ନୀରସ ଭାଷଣେ
ଦେଲେ ପୁର ଚମକାଇ ।

କିଏ ଥିଲା ପୁରେ ଅବା, ଏକାରେ ଜଗିଛି ଯୁବା
ସେ ବଚନେ ସତେ ଅରୁଣେ ବିକାଶି
ନଶୀଥେ ହସିଲା ଦିବା !

ତବ ଏ କୁଶଳ କଉ, କରେ ବୈରୀ-ପରସ୍ପର,
ସ୍ବାଣୀ-ଚମକେ କଥାକେ କଥାକେ
ଅଧୀର କପାଁଇ ବୀର ?

ଧୀର-ଧରମ ଆଦର୍ଶ, ଧୀର ହୁଅ ବୀର ପର,
ମୁକୁଟ-ଘାତନେ ହୃଦୟର ବଳ
ଫୁଟି ଉଠୁ ହୃଦ ପୂର,

ଏତେ ତ ସମରେ ବଳ, ସଙ୍କଟେ ଏତେ କୁଶଳ,
କି ସମରେ ଏବେ ଯାଅ ଥରି ଥରି,
ପ୍ରାଣେ ଏତେ ଅସଂଭାଳ ?

କହ୍ବ ମଣୁଛ କେବେ, କହୁନାହଁ କପାଁ ତେବେ
କି ଭୟ କପାଁଇ ରହି ରହି ଯାଅ
ଲୁଚାଇ ହୃଦୟ ଭାବେ ?

କଥା କହେ ଖାରବେଳ, ବଦନ ଦିଶେ ଉଜ୍ଜ୍ୱଳ;
ଏତେବେଳେ କପାଁ ଚତୁର୍ଦ୍ଦିଗେ ଚାହିଁ,
ନ ଦେଉଛ ପ୍ରତିଗିର ?

କୋମଳ କଳିକା ପରି, ଉଷା ସମୀରଣେ ହଲି,
ତପନ ପ୍ରଚଂଡ କିରଣେ ସତେ କି
ଯାଉଛି ଫୁଲ ଝାଉଁଳି ?

ମୁକୁଟ ତ ଶୋଭେ ଶିରେ, କଂଚୁକ ପୃଥୁଳ ଉରେ;
ତେବେ କଂପା ଏତେ ଥରଇ ମରମ
ପଲକେ ପଲକେ ବୀରେ ।

ସତେ କି ସ୍ତବକ ଜଳେ ଚାହିଁ ଚାହିଁ ନଭସ୍ଥଳେ,
ଚପଳା-ଚମକ ମଂଦ୍ରନାଦ ସହି,
ଡରିଯାଏ ମୀରଧାରେ ?

ଚାହିଁ ଖାରବେଳ ମୁଖେ, ଦିଅ ହାତ ତାର ବୁକେ,
ଥରୁଛି ହୃଦୟ ଦେଖିବ କେସନ
ସୁଦୂର-ସ୍ମରଣ-ସୁଖେ ।

ପରଖି ଦେଖ ତା ନାଡ଼ି, କି ବାଜେ ମରମ ଭରି,
ଜଣା ପଡ଼ିଯିବ ତବ ସେ ଶ୍ଳୋକରେ
ଅନୁରାଗ ସୁଖେ ଥରି ।

ମଣୁଛ ଗୁଡ଼ିଛି ଜର, ଦିଅ ଚୁଲାଇ ଶ୍ଳୋକର,
ମରମ କଂପନ ଭେଦ ଖାରବେଳ
ଥରି ଯିବ ତବ ଉର ।

କପାଁ ପରସ୍ପର ଗୁଡ଼ି, ଯାଅ ତେବେ ଡରି ଡରି
ପରସ୍ପର କାଳ ସରିକି ଯାଇଛି,
କପାଁ ହୁଅ ଏତେ ସରି ?

ଲୋଡ଼ୁଥିଲ ଡାକିବାର, ଡାକିଲେ ନାହିଁ ଉତ୍ତର !
ସଳଖେ ନ ଚାହିଁ, ଅଳପେ ଅଳପେ
କିବା ଏ ଛଳନା କର ।

ମଣୁଛ ମୁକୁଟ କାଢ଼ି, ବୀର ପଦେ ଯିବ ପଡ଼ି,
ସତ କି ଏ କଥା ? ବସୁଛ ପୁଣି
ଦେଖିବ ହୃଦୟ ଶରି !

କଂପାଇ ରଖିଛ ବୀର, ଶରବ ହୃଦୟ ତାର !
ଏସନ ଆସୁର ବଜର ମୂଳକେ
ସମ୍ଭବ କି ଖାରବେଳ ?

—o—

## ଉନବିଂଶ ଛାନ୍ଦ

ରାଗ—କୁଂଭ କାମୋଦୀ

ନ ରୁଚେ ବଜର ଏବେ ଖାରବେଳେ
ମାନସ ପଟଳେ;
ମଣିଷ ସରବେ, କଳିଂଗ କୁମାରେ
କି ସୁଖ ଜଂଗଳେ ।

ପଟଳ ବାଲୁକା, ପଟଳ ତଟିନୀ
ପଟଳ ସମୀର
କେତେ ରଂଗେ ସ୍ମୃତି-ପଟେ ନାଚଯାଏ,
ବିହ୍ୱଳ ସେ ସାର ।
ଜିଣିଲ ମୁଲକ ଯାହା ସଂଗେ ଏଥି
ରଖିଲ ଖ୍ୟାତି;
ଯାହା ପରଶରେ ପାଇଲ ପରାଣ
ମରଣୁ ବରତି;
ସେହି ସାର ସେ ତ ବସିଛି ଗହଣେ
କଷାଟ କଂଚୁକେ;
ମରମେ ମରମେ କଁପା ଗୁଣ୍ଡି ଛୁଟ
ସେ ସାର ମୁଲକେ ?
କେତେ ତ ସୋହାଗେ ସେହି ସ୍ୱରେ ପୁଣି
ପରାଣ ମମତା;
ସେହି ବୀର ପୁଣି ରହିବ ବଜରେ
କେସନ ଏ କଥା ?
ମେଘୁ ଉଠି ଏବେ ଦେଖିଛ ସେ ବୀର
ନମ୍ରହେଁ ସଳଖେ;
ନୟନ ଫେରାଇ ନଏ ଆନଭାବେ,
ଗୁହିଁଲେ ତା ମୁଖେ ।
ଏଥିପାଇଁ ଯେବେ ବିରାଗ ପରାଣେ
ଏ ନୁହେଁ ସୁଂଦର;
କଂଟକ ବୋଲି କି କମଳ ଛପିନେ
ନ ପଶେ ଭ୍ରମର ?
ଚିକୁର ଦଶିଲେ ପୁରୁଷ-କପୋଳେ
ଡରେ କି ସୁଂଦରୀ ?
ପରଶାରି ଭୟେ ପଶିବ ଦେହ ନକି
କଳଂଗ ନଗରୀ ?
ବିଶାଳ ବିଷାଣ ଦେଖି କି କୁରଂଗେ
ଡରିବ ମୃଗୟୁ ?
ଅରୁଣ ଚମକେ ଉଜଳେ କି ବନ
ରଜନୀ ନ ପାହୁ ?

ସେହି ତ ରଜନୀ ଦେଖୁନାହିଁ କଁପା
ସେ ବୀର-ନୟନେ ?
ପ୍ରୟାଣ-ବାରତା ପାଇ ସେ ସଜାଡ଼ି
ବସିଛି ପ୍ରୟାଣେ ।
ଛାୟାପରି ସେ ତ ଅଛି ପାଖେ ପାଖେ
ନ ଦେଖ କି ବୀର ?
ବେଗ ସତେ ତବ ନଗୁଡ଼ଲ୍ଲ ପରି
ଆଗୁର ତାହାର ।
କୁଶଳ ଭୋଜନ ଦେଖୁଅଛି ଆପେ,
ଜଗୁଛି ଶୟନେ,
ପୀରତିର ପାଶ ନ ଛୁଡ଼ି ରହିଛି
ପଟଳ ଗମନେ ।
ବେଳେ ବେଳେ ବସି କରୁଛ ତ ପୁଣି
ଗୋପନେ ଆଳାପ;
ତେବେ ଏ ବଜରେ ରହ କେତେକାଳ
ଭୁଂଜ ଏ ମେଳାପ ।
କି ଅଛି ପଟଳେ, କଁପା ଯିବବୋଲି
ଏସନ ଅଧୀର ?
ପାଇନାହିଁ ବଳ, ତେଣୁ ଅନୁରାଗେ
ନିରୋଧ ସେ ବୀର ।
ବଳାଇ ବଳାଇ କହ ତାରେ କଁପା,
ଆଜ ଏ କି ରୀତି ?
ଆହା କେତେ ସହି କରିଛି ପତନ,
ବନ୍ଧୁବ ଆରତି ।
ନ ପାରି ନିରୋଧି ଯାଉଛି ଗହଣେ
କୁଂଭରି ମଂଗଳେ,
ପାଖେ ପାଖେ ରହି ଦେଖିବ ସେ ତବ
କୁଶଳ ପଟଳେ ।
ତରୁଣର ସ୍ମୃତି ପରାଣ-ବାସନା
ସତେ କି ବଗୁର
ସତେ ଅନୁରାଗ-ତରଳ-ସୋହାଗେ
ହୁଅ କି ଅଧୀର ?

ଦେଖିଥିଲ ଯାହା ତଟିନୀ-ପୁଲିନେ,
ଅଛି କି ସେ ଚିହ୍ନ,
ଚଳ କାଳ-ସ୍ରୋତେ ଘଟନାର ବିଂବ
ଭାସଇ କି ରହି ।
ତରଳ ତରୁଣ-ପିପାସାରେ କାହିଁ
ଏସନ ଆଦର ?
ବୟସେ ତରୁଣ ହେଲେହେଁ, ଭୁବନେ
ବୋଲାଅ ତ ବୀର ?
କେତେ କର ହେଲା ପାଂଡ୍ୟ-ନୃପବର-
ପ୍ରବୀଣ-ବଚନେ;
ସୁଗତରୁ ବଳି ମଣି ପରା ଆପେ
ପ୍ରବଂଧ-ରଚନେ !
କାହିଁ ମନେ ମନେ ଏ ବିଶ୍ୱର ତେବେ
କୁମାର ତୁଂଭର ?
ଯୁବକଟି ତୁଂଭେ, ମିଳଛ ଯୁବକେ,
ଆଚର ବିଶ୍ୱର ।

———

## ବିଂଶ ଛାଂଦ

ରାଗ—ମଙ୍ଗୁଆଶ୍ରୀ (ଗୁଣସାଗର ବାଣୀ)

ଭସିଯାଏ ସିଂଧୁ— ସଇକତ-ତଟେ
ପଟଳ-ନଗର-ଶିରୀ,
ଥର ଥର ରହେ ହେମଂତ ମାରୁତ,
ଛୁଇଁ ଶୁଭ୍ର ହିମଗିରି ।

ଅଳପେ ଅଳପେ ଗଳିତ ନିହାର
ଉପଲେ ଯାଉଛି ଖେଳ,
ମୃଦୁବୀଚି-ତାନେ କୋମଳ ସିକତା
ବୀଚି-ଭଂଗ ହଏ ମେଳ ।

ସ୍ୱାଧୀନ ବୋଇତ ପାଲ ଟେକି କୂଳେ
ନାଚଇ ଅରୁଣ-ହାସେ;
ସ୍ୱାଧୀନ କୃଷକ ବନଗିରି ପଥେ
ପରାଣ ପୁଲକେ ହସେ ।

ପ୍ରଦୋଷ-ତାମସ- ତରଂଗେ ତରଂଗେ
ଥରଇ ନିହାର-ଧାରା;
ଝଣିଥେ ଝଣିଥେ ନାଚଇ ଗଗନେ
ନୀଳ ନଭପଟେ ତାରା ।

ଅନୁରାଗ ବହି କଂଳରେ ସତେ କି,
ବଧୂ ଆସେ ଗୁଲି ଗୁଲି !
କୁମାର-ସୋହାଗ- ପ୍ରଦୋଷ ଭ୍ରମଣେ
ଉଜଳଇ ନଈବାଲି ।

ସୁଭଗେ ହସଇ କୃଷକ ଲଳନା
ସ୍ମରି ଖାରବେଳ-ଯଶ;
ସଇକତ-ଲୀଳା ଉଜଳି ଉଠଇ
ଦ୍ରାବିଡ଼-ବାଳିକା-ହାସ ।

ସେହି ହାସ ପରି ସ୍ମରି ଖାରବେଳ
ଆସିଥିଲେ ମନସୁଖେ;
ଆରୋଗ୍ୟ-ସୁଭଗ ନବ ଅନୁରାଗ
ସଂଭାଳି ତରୁଣ ବୁକେ ।

ସିଂହପଥ ଗୁରୁ ଶଇଳ-ବିହାରେ
ଏହି ସେ ପୁଲିନ ପରା,
ଉଠୁଥିଲା ମନେ ସିକତାର ହାସେ
ସ୍ୱଚ୍ଛ ସିଂଧୁ-ମଧୁ-ଧାରା ।

ଦ୍ରାବିଡ଼ ପତ୍ତନ ଏହି ତ ଅଦୂରେ,
ସଇକତେ ହସେ ଭ୍ରାନ୍ତି,
ବାରୁଣୀ-ଲଳିତ- ପୁଲିନ-ଉପଳ
ପ୍ରଦୋଷ-ବିହାର-ସ୍ମୃତି ।

ସବୁ ଦେଖି ଦେଖି ବୁଲୁଂଛି କୁମାର
କେତେ ସେ ବିହାର-ରଂଗେ,
କୁରଂଗେ ଭେଟଂତି ସେହି ପୁଳିନର
ସେହି ସେ ଉପଳ-ଭଂଗେ ।

ନିରେଖି ନିରେଖି ଦେଖଂତି ମେଳାପ
ଦ୍ରାବିଡ଼-କୁମାରୀ-ମେଳେ;
ନୀରବ ପରାଣ ଗୁରୁଶ୍ୱାସେ ଫିଟି
ପଡୁଥାଏ ବେଳେ ବେଳେ ।

ସ୍ମରଣ ପୁଲକେ ଅନୁମାନ-ରସ
ହୃଦେ ଉଠୁଥାଏ ପୂରି;
ପଲକେ ପଲକେ କଠୋର ପ୍ରଶ୍ନତ
ଦିଏ ସେ ହୃଦୟ ଚୂରି ।

ନୀରବ ଦିଶଇ ପଟଳ ସୁହାସ,
ସ୍ୱାଧୀନ-କୃଷକ ଲୀଳା,
ନୀରବ କଂପନେ ଚରଇ ସିକତା
ହେମଂତ-ନିହାର-ଧାରା ।

ନୀରବେ ହସଇ ରଜତ ବାଲୁକା,
ଦ୍ରାବିଡ-ଲଳନା-ଖେଳ;
ପରାଣ ବାସନା ପୁଳିନ-ଉପଳ
ଦିଶଇ ନୀରବତର ।

କଁପାଇ କୁମାର ଏ ତରୁଣୀ-ଉରସେ
ଏ ନୀରବ ଲୀଳା ତବ ?
ଆସିଥିଲ ଏତେ ସୋହାଗେ ପଟଳେ
ସ୍ମରି କି ଅବା ବିଭବ ?

ସେହି ତ ବିହାରେ ବାହାରୁଛ ଏବେ
ବିହାର-ସ୍ତବକ-କୂଳେ,
ଆନ ମନେ କଁପି ନ ଗୁହିଁ ସେ ମୁଖେ
କିବା ଅନୁମାନ ଭରେ ?

ଏକା ଆସିଛଂତି ଗୁଢ଼ ସେ ବଜରି
ତବ ସଉହୃଦେ ଭୁଲି;
ବିହରଣେ ତବ ମମ ଗାନ ଲଭି
ପରାଣେ ଉଠଂତି ଥରି ।

ଶଇକତ ଶିଳା ଦେଖି ଦୁନ୍ତ କେବେ
ଯାଉଛଂତି ପଛେ ରହି;
କଂଚୁକ-ଉଡ଼ାଲେ ଥରୁଛି ବସାଂଗ-
ଦୂରେ ଯାଏ ପ୍ରାଣ ବହି ।

ଗୁହିଁ ଫେରି ଏବେ ସେ ମୁଖେ କୁମାର,
ଫିଟିବ ମରମ-ବାଣୀ,
ସୁଧାଂଶୁ-ରଜତ- ଧବଳତ ମୁଖେ
ଫୁଟିବ ସରମ-ଠାଣୀ ।

ସେ କୁଂକୁମ-ଲାସ୍ୟ ଦେଖୁନାହିଁ ବୀର,
ଗୁହୁଁଛ ମୁକୁଟ-ପାପେ,
କାହାରେ ମରମ ଲୁଚାଇ ହସୁଛ
ନୀରବ ମରମ-ତାପେ ?

ତୁରଂଗ-ଚରଣେ ଖେଳାଇ ସିକତା,
ଆସୁଛ ଶିବରେ ଫେରି;
ସେହି ଉପଳର ପ୍ରଦୋଷ-ଲାବଣ୍ୟ-
ପୁଲକ ପରାଣେ ଭରି ।

ଫେରି ଫେରି କେବେ ଏତେ ଗୁହଁ କଁପା
ତୁରଂଗ ଉପରୁ ଦୂରେ ?
ଗୁହାଣୀ ଚମକେ ସେନାପତି ହୃଦ
ଥରି ଉଠୁଅଛି ଡରେ ।

ମରମ-ସରମେ ଉଠୁଅଛି ବାଜି
କେଉଁ ବୀଣା ଦୂରତାନ,
ପଲକେ ପଲକେ ଖେଳୁଛି ତରଂଗେ
ସଂଶୟର ଅନୁମାନ ।

'ସତେ କି ଯୁବକ- ଅନୁରାଗେ ବୀର
ରଖିଛନ୍ତି ମୋତେ ମନେ ?
କୁତୂହଳ ଅବା ଲାଗିଛି ପରାଣେ
ସେ ତରୁଣୀ-ସଂଭାଷଣେ ?

ଏ କଂଚୁକ ତଳେ ସେ ତରୁଣୀ ପୁଣି
ଚହ୍ନିବେ କି ବୀର କେବେ ?
ଜାଣି ଏ କରମ ଅନୁରାଗେ ସତେ
ଫୁଟିବ ପୀରତି ଲବେ ?

ଯୁବ କୁତୂହଳ ମଉଳିବ କିବା
ଚପଳ ପରାଣ-ରସେ;
ସ୍ମରଣ ସୋହାଗ କରମେ ଭୁଟିବ
ଯେବେଟି କରମ-ବଶେ ?'

ଖାଳଣ ଏସନ, ଭାବ-ଦ୍ୱଂଦ୍ୱେ ପଡ଼ି
ପରାଣ ଉଠଇ ଥରି,
ପ୍ରୀତିଧ୍ୱନି ପରି କେତେ ଭାବ ପୁଣି
ଉଠଇ ମରମେ ଭରି ।

ବୁଡ଼ାଇ ପରାଣ ଭାସିଯାଏ କ୍ଷଣେ
ଅନୁରାଗ-ଶୀତ୍ର-ଧାରା;
ନିରାଶ ଲୋଚନେ ଝୁହେଁ ଚଉଦିଗେ;
ମାରସ ଦିଶଇ ଧରା ।

ଫେରି ପୁଣି ଯେବେ ଝୁହାଁନ୍ତି କୁମାର
ସେହି ସେ ଉପଳେ ଦୂରେ,
ବଂଶୀସ୍ୱନ ସେ କି ନିରାଶ ପଥିକେ
ବିପଦ-ତାମସ ପୂରେ ।

ପଲକେ ଉଜଳ ଉଠଇ ଲପନ
ନ ଦେଖଂନ୍ତି ଖାରବେଳ,
ଆନମନେ ସେହୁ ନିରାଶେ ସ୍ମରଂନ୍ତି;
ସେହି ସେ ଦୂର ଉପଳ ।

ଆଶାର କୁହକେ ଚପଳା-ଚମକ
ହିଗନ୍ତ ବିଧାନେ ଖେଳେ,
ପଲକେ ହସଇ, ପଲକେ ଲଭଇ,
ସେନାପତି ଖାରବେଳେ ।

ଖାରବେଳ ସିନା ପୁରୁଷ-ପିପାସା-
ବିଭ୍ରମେ କରଂନ୍ତି ରତି,
ତରଳ ହୃଦୟେ କବଚ କଷିଟି
କଂପା ଧରି ସେନାପତି ।

---

## ଏକବିଂଶ ଛାଂଦ

### ରାଗ-ଶଂକରା ଭରଣ

ଆସିଥିଲେ ବୀର ଦୂରେ ଦକ୍ଷିଣ ଶାସନେ
ବିକଳ କଳିଂଗ ହେଲେ ସଂଦେଶ ବହନେ;
ଚର ପେଷିଲେକ ସେହୁ,
'ଏତେକାଳ ସୁଖ ଆଉ ବିଦେଶେ ନରହୁ !'

ଲାଗିଲା ଚହଳ ଏବେ କଳିଂଗ-କୁମାର
ଉତ୍ତର ପବନେ ପୋତେ ଫେରିବେ ପଟଳ,
ଛାଡ଼ି ପାରିବେ କି ବୀର
ତଟିନୀ ପୁଳିନେ ସେହି ସୁରମ୍ୟ ଉପଳ ?

ନିତି ନିତି ଏବେ ଗଲେ ପ୍ରଦୋଷ-ବିହାରେ
ସରଳ-କୃଷକ-ବାଳା-ଲୀଳା ଦେଖିବାରେ
କେତେ ଦେଖଂନ୍ତି ସେ ରହି
କିବା ଖୋଜି ଦେଖୁଥାଂନ୍ତି କାହାରେ ନ କହି ?

କାହାରେ କହିବେ ବୀର ହେଉଥାଂନ୍ତି ଭାଳି,
କହିବେ କହିବେ ବୋଲି ରଖଂନ୍ତି ସଂଭାଳି
ସେନାପତି ମୁଖେ ଚାହିଁ,
ଏ ଦୂର ବିଦେଶେ ଆଉ ସଖା କେହି ନାହିଁ ।

କଳିଂଗେ ଚଳିବେ ଏବେ ଅଳପ ଦିବସେ,
କି ବାସନା ରଖି ଯିବେ ସିଂଧୁ-ନଦୀ-ପାଶେ ?
କାହିଁ ହୃଦୟେ ମୋ ବଳ ?
ସ୍ମରଣେ ସ୍ମରଣେ ପ୍ରାଣ ହୁଅଇ ବିକଳ ।

ରହି ରହି ସେନାପତି ଦେଖଂତି ସେ ମୁଖେ
ବିଷାଦ-ବେଦନା, କେତେ ସଂଶୟର ସୁଖେ
ଖାରବେଳରୁ ଏ ଦଶା
ଦେଖିବାରେ କଂପା ଏତେ ପରାଣେ ପିପାସା ?

ରୋଗ ଶେଯ ପାଶେ ବସି ରାତି ଉଜାଗରେ,
ଆତଂକ ଲୁଚାଇ ପ୍ରାଣେ କେତେ କଉଶଳେ,
କରୁଥିଲ ପରିଚାର,
ବେଦନାରେ ଆଜି କଂପା ଏତେ ହେ ଆଦର ।

ସଖୀବୋଲି ଖାରବେଳ ଲୋଡ଼ଂତି ତ ଏତେ;
ରହି ରହି ହୁଅ କଂପା ଯିବାକୁ ପୁରତେ ?
କଥା କହୁନାହିଁ ରହି,
ଦିବସ-ଯାପନେ ଆଉ ଆଳାପ ତ ନାହିଁ ।

କୃଷକ-ପତ୍ତନେ ଯାଉଅଛ ବେଳେବେଳେ,
ସଂଖୋଳ ଆସିବ ବୋଲି ବୁଝି ସେ କୃଷକେ,
ତାହିଁ ଅନୁମତି ଯେନ
ନ କହି କଥାରେ, କପାଁ ଚଳାଅ ଲେଖନୀ ?

ଅତି ପରିଚୟେ ସତେ ଲୁଟେ କି ମମତା ?
ଆଦରେ ତ ଖାରବେଳ ବୁଝଂତି ବାରତା;
ତବ ଲେଖଧରି ହାତେ,
ଦକ୍ଷିଣୁ ବାମରେ କେତେ ପଢ଼ଂତି ଉଷତେ ।

ସଉହୃଦେ ନ ଲଭୁଛ ସୁଗମ ଉତ୍ତର;
ତେବେ ହେଁ ଆଦର ଏତେ କଂପା ଖାରବେଳ ?
ଏ କି କୃତଜ୍ଞ ପରାଣେ
ବିରାଗେ ଉଠୁଛି ଫୁଟି ପ୍ରୀତି କ୍ଷଣେ କ୍ଷଣେ ?

କଂପା ତେବେ ହୋଇଛଂତି ସଖି ସେନାପତି ?
କଳିଂଗ-ଗଗନେ କାହିଁପାଇଁ ଏତେ ମତି ?
ଏ କି ଅବୁଝା ପ୍ରକାର,
ବୁଝିକି ପାରିବ ତୁଂଭେ ପିଲା ଖାରବେଳ ?

ଛାଡ଼ି ଖାରବେଳ ଏବେ, କପାଁ ସେନାପତି
କୃଷକ-ବ୍ରାମଣୀ-ଘରେ ଯାଉଛଂତି ନିତି ?
କେବେ ଆସଂତି ସେ ଫେରି,
ପ୍ରଦୋଷ-ବିହାର ଲୀଳା ସିଂଧୁ ତଟେ ସାରି ।

ଖାରବେଳ ଏବେ ବୁଲି ଯାଉଛଂତି ଏକା,
ସେନାପତି ବ୍ୟବହାରେ ହେଉଛି କି ଶଂକା ?
ଏତେ ନ ଭଲ କୁମାର,
ବିଦେଶରେ ସାହା ପରା ସେ କଜର-ବୀର ।

ସେ ପରାଣ ମମତାରେ ନ କର ସଂଶୟ
ପ୍ରଦୋଷ-ବିହାରେ ଏକା ନ କର ହେ ଭୟ
ଆଉ କେତେ ଦିନ ଅବା
ସିଂଧୁ-ତଟେ କରିବ ହେ ଉପଳର ସେବା ?

---

## ଦ୍ୱାବିଂଶ ଛାଂଦ

ରାଗ — ମାଳବ (ପେଡ଼ିବାଣୀ)

କୃଷକ-ନବରେ ବିଜର ବାଳା
କେତେ ଅନୁକରେ କିଶୋର-ଲୀଳା ।
ତରଳ ଚଳନେ କାହିଁ ସେ ହାସ ?
କିଶୋର-ମୁଖେ କାହିଁ ବାଲଭାଷ ?
ସଜନୀ କରନ୍ତି କୌତୁକ କେତେ;
ଲୁଆଁଇ ମୁଖ ଶୁଣଇ କଂଠତେ ।
ସମର-କଥା ପଢ଼ଯାଏ ବେଳେ,
କୁଂକୁମ ପାଟଳ ଖେଳେ କପୋଳେ ।

ସଜନୀ ଜନେ ଉଠୁଥାଏ ଡରି;
କି ଭାଳି ଉଠଇ ପରାଣେ ଥରି ।
"ସତେ କି କୁମାରୀ ଜାଣିବେ ମୋତେ ?
ଜାଣି କି ଅବା ବିଚାରିବେ ସତେ ?
ସ୍ୱରୂପେ ଜାଣେ ମୁଁ ସେ ଖାରବେଳେ;
କେ ତାହିଁ ସରି ଉଦାର ବେଭାରେ ?
ସମରେ ସମ୍ଭାଳ ଆଶ୍ରିତ ଜନ,
ଜୀବନେ ଭଲେ ନ ଥାଏ ଗଣନ ?
ଅଧୀର ହେଲି ମୁଁ ଦେଖି ଖାରନ୍ତି;
ନ ଫିଟାଇଲି କପାଁ ଛଦ୍ମ-ଖାନ୍ତି ?
ଆହା ସେ ସାହସ ଗଲା ମୋ କାହିଁ ?
ସତେ କି କୁମରେ ଭାଜନ ମୁହିଁ !
ସଖା ବୋଲି ମୋରେ ଆଦରି ଏତେ,
ଜାଣି ସ୍ୱରୂପ କି ଭାଳିବେ ସତେ !
ଭାଳିଲେ ଥରି ଯାଉଛି ମରମ;
କି ସାହସେ ମୁଁ କଲି ନ କରମ ?
କପାଁଇ ଛନ୍ଦାଲି ପୁରୁଷ-ଖାନ୍ତି,
ସମାନ କଲି ମୁଁ ପଥର ଗୁନ୍ଥି ।
ଜନକ କହିଲେ ଶୁଣିଲି ନାହିଁ,
ଅଳି କରି ଏକା ଆସିଲି ମୁହିଁ ।
ସ୍ୱରୂପ ମୋର ଏ କୃଷକ ପନ୍ତି;
ଲୁଚାଇ ବହିଛନ୍ତି ଛଦ୍ମସ୍ଥିତି ।
ମିଛ ଆଚରି ଥିଲି ମୁଁ ଅଭାଗୀ;
କପାଁ କୃଷକେ କଲି ତାହିଁ ଭାଗୀ ?
କେତେ କାଳ ଆଉ ଥିବ ବା ଲୁଚି;
ସହି ଏ କଷଣ ପ୍ରାଣ ମୁଁ ରୁଛି ?
ଘଡ଼ି ଘଡ଼ିକେ ଚେତୁଆଣ କେତେ
ଆପେ ନାଚଯାଏ ଆସି ପୁରତେ ।
କେହି ନ ଜାଣନ୍ତି ମରମ ମମ,
ସ୍ମରଣ-କନ୍ଦନ କେଡ଼େ ବିଷମ ।
ଉଡ଼ିଯାଏ ପକ୍ଷି-ଯୁଗଳ କ୍ଷେତେ;
ଲାଗଇ, 'ମୋତେ ଜାଣିଲେ କି ସତେ ।'
କେବେ ବା ଝାଳ ଝରିପଡ଼େ ବୁକେ;
ଲାଗଇ, 'ସେ କି ଭେଦିଲା କଂଚୁକେ ?'
କେବେ ଅସଂଭାଳେ ବିଚାରେ ମୁହିଁ,
କବଚ କଷ୍ଟ ଦେବି ଫିଟାଇ,
ଶିବିରେ ଜଣାଇ ଦେବି ସ୍ୱରୂପ,
ଛୁଟାଇବ ହେଲେ ମରମ ତାପ;
କୃଷକ-ଗ୍ରାମେ ବା ଆସିବି ଚାଲି,
କିଶୋରୀ-ମେଳେ ଖାରବେଶ ଧରି;
ସରସେ ଏଥି ଦେବି ପରିଚୟ,
ବଜର-ଖାରେ ସେ କରିବେ ଥୟ ।
ଏ ଭାବରେ କାହିଁ ଗତି ମୋହର ?
ଭାବରେ ଯୋଟେ କେତେ ଅବସର ।
କପାଁ ମରମ ଥରଇ ସଦନେ ?
କିଛି ନ ଜାଣି ରହୁଛି ମଉନେ ।
ଖାର ମୁଖୁ ଶୁଣି ନ ପାରେ କଥା;
ମୁଖେ ଗୁହିଁବାରେ ନ ଉଠେ ମଥା,
ସଜନୀ କହନ୍ତି ସେ ବୀର-ଯଶ;
ମିଶାଇ ନ ପାରେ ସେ ଭାଷେ ଭାଷ ।
କହାଇ କହିଲେ ଥରେ ମରମ,
କେଡ଼େ ଅବିଶ୍ୱାସୀ ହୁରି କରମ !
ବୀର-ହୃଦେ କେତେ ରହୁଛି ଉଣ;
ଅବଳା ହୃଦୟ ନ ପାରେ ଧରି ।
ମଣୁଥିବେ ବୀର ମାରସ ମୋତେ,
ଗରବ-ପୂରୁଣା, ସଜନୀ ସତେ !
କାହାରେ କହିବି ଏ ସମାଚାର ?
କେମନ୍ତେ ଫେଇବି ଏ ଗୁରୁଭାର ?
ଭାଷା ନାହିଁ ମୁଖେ, ଦେବି ଜଣାଇ;
ବଳ ନାହିଁ, ହୃଦ ଦେବି ଫିଟାଇ;
ଦେଖାଇବି ମୁଖ, ନାହିଁ ସାହସ;
ଆପଣେ ସୁମରି ଯୋଟଇ ହାସ ।
କେସନେ କେତେ ସହିବ ମଉନେ ?
ହେଲି ମୁଁ ବାଇ କବା ଅନୁମାନେ ?

ଯାଉଛୁ ଏବେ ପ୍ରଦୋଷ-ଛାୟାରେ,
ଥରି ଉଠୁଅଛୁ ହୃଦ ଅଧୀରେ;
କେତେ ଖୋଜୁଁଛି ଶୂନ୍ୟ ଅନୁମାନେ,
ଦେଖଂତି ମୋତେ ସଜନୀ ସଂଧାନେ,
ଏ ସଂଧାନକୁ ମୁଁ ନକି ଭାଜନ ?
କେତେ ସହିବ ଅବଳା-ପରାଣ ?
ଖୋଜୁଁ ଥିବ କେତେ ପଥଚାରୀ-ପଟେ,
ପୁଲିନ-ଉପଲେ ତଟିନୀ-ତଟେ ?
ଚରଣ କି ପେଇ ପାରିବ ନାହିଁ ?
କେମଂତେ ରହିବ ଜୀବନ ବହି ?
ଯିବେ ତ କୁମାର କଳିଂଗ ଦେଶେ;
ଗହନେ ଯିବ ମୁଁ ଯୁବକ-ବେଶେ ।
କେତେ ଲୁଚାଇ ରଖିବ ପରାଣେ ?
କେତେ ଖୋଜିବ ଶୂନ୍ୟ ଅନୁମାନେ ?
କି ବୁଦ୍ଧି କରିବ ଅବଳା ମୁହିଁ ?
ବଳ ଦେବାକୁ ସାହା କେହି ନାହିଁ ।
କୁମାରେ ଖୋଜିଁଲେ ଆସଇ ବଳ,
ସେ ବିନେ ପରାଣ ହୁଏ ବିକଳ ।
ଏ କି ଅଦଭୁତ ଜଂତୁ ଲଳନା !
ସାହସେ କିଛି ନ କଲି କଳନା ।
ଏତେ ତ ସାହସ ଥିଲା ପରାଣେ;
ପରାଣ କିପାଁ ଥରେ ଅନୁକ୍ଷଣେ ?
କେତେ ଭାବିର କରେ ନିରଂତର;
ଭାବନାରେ ହୁଏ ଏଡ଼େ କାତର ?
ମଣଇ ସ୍ୱପନ ଜୀବନ ସାରା;
ଆଶାର ସାହସେ ଏତେ ପସରା ?
ନ କର ଗୋ ଧୁସି ଭାବନା ଏତେ;
ଫିଟିବ ଅଦଭୁତ ଅଦଭୁତେ ।
ସତ ହୁଅଇ ସ୍ୱପନ ଜୀବନେ;
ଜୀବନ ପରା ରହିଛି ସ୍ୱପନେ !

---

## ଏକୋନବିଂଶ ଛାଂଦ

ରାଗ ବରାଡ଼ି-ଆଷାଢ଼ ଶୁକ୍ଳ ବାଣୀ

ପ୍ରଦୋଷ ଛାୟାରେ କିପାଁ କୁମାର
କି ଦେଖି, ଚମକେ ରହିଲ ଥିର ?
କିପାଁ ମରମେ ଉଠ ଥରି ଥରି,
କାହାରେ ଭାବ ରଖିଛ ସଂଭାଳି ?
ପାଶେ ଆସ ବୀର, ଖୋଜୁଛ ଥିଲ ସିଂଧୁ-ନଦୀ-ତୀର ।

କାହାରେ ଦେଖିଲ ସତେ ନୟନେ ?
ପରତେ କିବା ଯାଉ ନାହିଁ ମନେ ?
ନିମିଷ ମାତର ଦେଖି ଉପଲେ,
ଚିହ୍ନି ରଖିଛ ସତେ କଉଶଳେ ।
ଏହି ତ ସେ ବାଳା, ଭଲେ କରଯାଅ ଶୁଭ ସଂଖୋଳା ।

ଭାବୁ ତ ଥିଲ, 'ଏହି ଭବ-ପାରେ
ପଡ଼ିବ ସେ ସତେ ନେତ୍ର-ପଥରେ ?'
ଦେଖୁଛ ତ ଆଗେ ସ୍ୱରୂପ ଏବେ,
ପରାଣେ କିପାଇ ସଂଶୟ ତେବେ ?
କିପାଁ ଗଲ ରହି, କି ଭାବିର ହେ ନିକଟେ ନ ଯାଇ ?

କାହାକୁ ଡରୁଛ କୁମାର-ବର ?
ଅବଳା ଧରି ନାହିଁ ଧନୁଶର,
ବନର-ସଂକଟେ ଥିଲ ତ ଏକା,
ଏ ତହିଁ କିପାଇଁ ହୃଦୟେ ଦକା ?
ଏ କି ରୀତି ଆଜି ? ଯିବ କି ଏଡ଼େ ସୁଯୋଗ ବରଜି ?

ଏତେ ଦୂରେ ଜାଣି ପାରିବ ନାହିଁ,
ନିକଟେ ଆସ ଦେଖିବ ହେ ଚାହିଁ,
ସତେ ଭୁରଂଗ ଭୁଲାଇଲ ତେଣେ ?
ଘର ଫେରାଇ ଯିବ କି ଭ୍ରମଣେ ?
କି ଭାବିର ତବ ? ପରାଣେ ଆଜି ଏକି ନବ ଭାବ ?

ଯାଉଛ ନନ୍ଦୀ-ପୁଳିନ ଆଦରି;
ଆଖିଂରେ କି ସେ ଦେଖୁଅଛ ନାରୀ ?
ଫେରାଉ ତ ନାହିଁ ମୁଖ ସେ ଦିଗେ;
ଚଳାଇ ତୁରଙ୍ଗ ଯୁଝୁଛ ଆଗେ,
ରକ୍ତନାହିଁ ଦେହେ; କମ୍ପାଇ ଆଜ ଦେଖୁଛ ଉପଳେ ?

ଧୃତ ଧର ଧୂସି, ନ ଯାଅ ସତ୍ତ୍ୱ,
ସଜ୍ଜା-ସଙ୍କଟଣେ ଆପଣେ ଭୁଲି,
ଚହଟୁଛି ଶ୍ରୀନ, ସରଳା ବାଳିକା;
ମନ୍ଦନ ରଖିଥିବ ସେ ବଦନ ଦେଖା;
କହିବଟି ଛଳ, ତବ ତରଳ ଲୋଚନେ ନ ଓରି ?

ଧୂସି ଦେଖିଲ ତ ନେହ ପସରା,
କୁମାର ଲେଉଟିଥିଲ ତ ସେ ବାଳା,
ଦୁହେଁ ଦୁହିଁଙ୍କ ତ ଦେଖିଲ ଏବେ;
ସ୍ମୃତିଲ କଥା କି ନବୀନ ଭାବେ ?
ଏହିକି ପୀରତି ? ଆଶା କି ସତେ ନ ଲେଉଟେ ପ୍ରଶାନ୍ତି ।

---

## ଚତୁର୍ବିଂଶ ଛାନ୍ଦ

ରାଗ-ମଙ୍ଗଳବରାଡ଼ି (ଖେଷ୍ଟବାଣୀ)

ପଟଳ-ଶିବିରେ ଆଜ
କବଚ କଣ୍ଠେ ସାଜ,
ବସେ ଧୂସିବାଳା ଥରି ଥରି ମରମେ ।
ରଜନୀ ମେଳାରେ ଆସି,
ଶିବିର ବାହାରେ ବସି,
କୁମାରେ ସ୍ୱଦାଂଶ ମଥା ପୋତି ସରମେ ।

ଅଳସେ ଅଳସେ ଯାଇ
ଭାବଂତ ଫିରନ୍ତି ଶିର
ସଖା ବୋଲି ସେନାପତି କରି ସମ୍ଭାଷ ।
ମଞ୍ଜନେ ମଞ୍ଜିଲ ପୋତି,
ଥରି ଥରି ସେ ଯୁବତୀ,
ଶୁଣଂତି ସଂଶ୍ରାନ୍ତ ବୁକେ କହା ଉଦ୍ଭାସ ।

କହଂତି ଯୁବକ-ମଣି,
ଆସିଲି ମୁଁ ଦେଶ ଜିଣି,
ଗରବେ ନ ମଣି ଯୁବ- ପଗଣ-ଲୀଳା,
କେସନେ କହିବ ବୀର,
ହୃଦ ହେଲି ମୋର କୁର ?
ଶୁଣ ଏକା ସଖା ତୁଂହେ ନ କର ହେଳା ।

ଏ ବିଦେଶେ କେହି ନାହିଁ,
କାହାରେ ବା କହିବଇଁ ?
ନ କହି ମୁଁ ନ ପାରୁଛି ପଟଳ ଗୁଡ଼ି ।
କ୍ଷମା କର ଦୋଷ ମୋର,
ତବେ ମୁଁ ବୋଲଇ ବୀର,
ସମପ୍ରାଣ ମଣି ଏବେ କହୁଛି ଖୋଲି ।

ଥିଲ ଯେବେ ଏ ପଟଳେ
ଦେଖିଥିଲି-ନାରୀ-ବରେ,
ସିଂଧୁ-ପୁଳିନ-ଉପଳେ ରହିଛି ମନେ ।
ନ କହ ନ କହ ବୀର,
ଆଉ ନ ପିଟାଅ ଶିର,
ସହିକି ପାରିବ ବାଳା ଅବଳା-ପ୍ରାଣେ ?

କବଚ ବନ୍ଧିଛ ଧୂସି,
ମଥା ପୋତି ରହ ବସି,
ଅସଂଭାଳେ କି ବସୁର ? ନୁହ ଅଧୀର ।
ନ ଜଣାଅ ଗୁରୁଶ୍ୱାସ,
କପୋଳେ କୁଂକୁମ-ହାସ,
ଚାମସେ ମାରିବେ ଶୁଣ, କହଂତୁ ବୀର ।

କହିଲେ ବଖାଣି ଯୁବା,
ଆହା କି ସେ ମନ ଲୋଭା ।
ମଣି ତ ନ ଥିଲ ଏଥି    ଅଛି ସେ ପୁଣି ।
ସ୍ୱପନ-ପରି-ପୁରତେ
ଦେଖିଲଇଁ ଆଜି ସତେ,
ତଟିନୀ-ପୁଳିନେ    ସେହି ରମଣୀ-ମଣି ।

ଯାଉଛି କୃଷକ ପୁରେ,
ଜାଣି ତ ପାରିବ ତା'ରେ,
କି କହିବ ସଖା,    ଆଉ ନ ପାଏ ଭାଷା ।
ଚିହ୍ନି ବୁଝିବ ଥରେ
ଦେଖି କି ପାରିବ ତା'ରେ,
ଜଣାଇ କି ପାରିବ ମୁଁ    ପ୍ରାଣର ଆଶା ?

କହୁ କହୁ ବୀର ଏତେ,
କି ହେଲା ଏବେ ଚକିତେ,
ଉଠି ସେନାପତି ଧୀରେ    ଚଳିଲେ ତମେ ।
ଲାଜେ ଭୟେ ଖାରବେଲ
ପରାଣେ ହେଲେ ବିକଳ,
ହତମାନେ ଫେରିଲେ ସେ    ଶିବିର-ଧାମେ ।

ତ୍ରିଯାମା ଯାଉଛି ପାହି,
ଖାରବେଳେ ନିଦ ନାହିଁ,
ଆସିଲା ଡଗର ପଶି,    ଚଠାଉ ବହି ।
ଆଗନ୍ତୁ କସୁର ବୀର,
ନ ହୁଅ ଏତେ ଅଧୀର;
ଦେଖ ଫେଡ଼ି ମୁଦ ଏବେ,    କି ଅଛି ତହିଁ ?

ସେନାପତି-ହାତ-ଲେଖା,
'ହେବ ସେ ରମଣୀ ଦେଖା,
କୃଷକପତି-ଭବନେ    ପ୍ରଦୋଷେ ଆଜି' ।
ସେନାପତି ଲେଖା, ପୁଣି,
କପାଁ ସେ ପାରିବେ ଜାଣି,
କେତେ ଥର ଥର ବାଳା    ଲେଖିଛି ସାଜ ?

ଅଲୋ ମରମ ଏବେ;
କେସନେ ପ୍ରଦୋଷେ ଯିବେ ?
ଦେଖା ହେଲେ କି କରିବେ    କୃଷକ ପୁରେ ?
ନ ଯିବେ କେସନେ ଅବା,
ଆଗେ ତ ବଜର-ଯୁବା
ଯାଇଛନ୍ତି, କହି ଆଉ    ନ କହି ବାରେ ?

ଶବର ଏ କି ଛଳନା ?
ପୀରତି ସେ କି ଯାତନା ?
କି ରସେ ପରାଣ    ଲୋଡ଼ି ରହଇ ଡର ?
କାହାରେ ଗୁହିଁ ନମିଷେ,
ଥରେ କାଂଦେ, ଥରେ ହସେ,
ସ୍ମରଣ-ପୁଲକେ ଡରି,    ଉଠଇ ଥରି ?

ସୁକୁମାର ଭୁଂଭେ ବୀର,
ଯାଅ ହେ କୃଷକ-ପୁର,
ସେ ଛଳନା ନାହିଁ ସେନା-    ପତି ପରାଣେ ।
ମରନେ ମରମେ ଥରେ,
ବିଶ୍ୱାସେ ପୀରତି ଜଳେ,
ଶୁଭଟି ବିଶ୍ୱାସ ତବ    ବଜର-ଜନେ ।

## ପଂଚବିଂଶ ଛାଂଦ

### ରାଗ—ଖଂଜି ଭୂପାଳ

ଆଜ ଏ ପଟଳେ କି ନବ ଦୃଶ୍ୟର
କୁମାର-ଇଂଗିତେ ଯାଉଛି ଖେଳ,
ଅରୁଣ-ଚମକେ ପଲକେ ପଲକେ
ପରାଣେ କୁମାର ଉଠଂତି ଥରି ।

ଶିଖରେ ପୁଲକେ ଜଳେ ସ୍ଥଳେ ନଭେ
ଚମକ ଚମକ ଦେଖଂତି ବୀର,
ପୀରତି-ପୁଲକ ସରମ-ଚମକେ
ପଲକେ ପରାଣ ହେଉଛି ଜୁର ।

ନ ଗାଅ ପରଶି କୁମାର-ଶ୍ରବଣେ,
ନ ହସଁ ସରଳ କୁମାର-ମୁଖେ,
ଚଉଦିଗେ ଏକା ଦେଖଂତୁ କୁମାର
ତରଳ ତରୁଣ-ଇଂଗିତ-ସୁଖେ ।

ଫାଟିଯାଅ ବେଗେ ତରଳ କୁହେଳି,
ଭାସିଯାଅ ମୃଦୁ ସମୀର-ଧାରା,
କଂପି କଂପି, ବୀର ଦେଖଂତୁ ପୁଲକେ
ହେମଂତ-ମୋହନ-ବିଶାଳ-ଧରା ।

ବିଶାଳ ପରାଣ ପଡ଼ିଅଛି ଫିଟି,
ଚମକେ ଯାଉଛି ସରମେ ଥରି;
ଆଶାର ସାହସେ ଏ କିବା ତରାସ
ଫିଟଇ ଯୁବକେ ମରମେ ଭରି ?

ଖୋଜୁଥିଲ କେତେ ଉପଲେ ଅନାଇ,
ଦେଖିବ ତ ଆଜ ଏ କିସ ଗୀତ ?
ସ୍ମରଣେ ପଡ଼ିଲେ ସେ ମଧୁ ଉପଳ,
ଥଣ୍ଡଯାଏ କାହିଁ କୁମାର-ଚିତ୍ତ ?

ବନ୍ଧୁଯାଏ ନଦୀ ଦେଖଂତି ଯୁବକ,
ମିଶିଯିବ ବୋଲି ଅନଂତ ରସେ,
ଅରୁଣ-କନକ- ଜଳଧାର-କଂପେ
କଂପି କଂପି ବୀର ପରାଣ ଭାସେ ।

ଅନଂତ ଗଗନେ ଭାସିଯାଏ କାହିଁ
ଅନଂତ ତରୁଣ-ଚରଣ-ଧାରା ?
ଆପଣେ ବିସାରି ଦେଖଂତି କୁମାର
ଆଶାର ସ୍ୱପନ ଧରଣୀ ସାରା ।

ଫୁଲଇ ପରାଣ କି ମୋହନ ରସେ,
ପୁଣି ସେ ଅମିଷେ ଉଠଇ ଥରି,
ଆଜ ଏ କି ସତେ ଜୀବନ ସାଧନା
ଉଠଇ କୁମାରେ ପରାଣ ପୂରି ।

ପ୍ରଭାତ-ଗଗନ ପ୍ରଭାତ-ତପନ
ଅରୁଣ-ଉଜଳ କୁହେଳୀ ଘନ
ଇଂଗିତ ଚମକେ ସୁମତି, ଦେଖଂତି
ତରୁଣ-ପରାଣ-ସ୍ୱପନ-ଧନ ।

ସେ ସପନେ ଝଲି ଉଠଇ ପ୍ରଶାଂତ,
କଂପି ଉଠେ ବୀର-ମରମ-ଦେଶ,
ସେ ସପନେ ପୁଣି କିବା ଅନୁମାନେ
ସେ କଂପେ ଫୁଟଇ ପୀରତି-ହାସ ।

ଶିଖରେ କାହାରେ ବୁଲୁଅଂତି ବୀର,
ପାଦ ଗୁଳି କେତେ କରମେ ଧରି,
କରମେ କରମେ ସ୍ମରଣେ ସ୍ମରଣେ
ଚମକେ ଉଠଇ ପରାଣ ଥରି ।

ଯିବେ କି ସତେ ସେ କୁଶଳ-ନଗରେ
ନ ଯିବେ କେମନେ, କରିବେ କିବା ?
ଆଶାର ସାହସେ କି ହୁଅଇ ପୁଣି,
ଉଠୁଥାଂତି ଉଭି ଆପଣେ ଯୁବା ।

ଛୁଟି ଆସେ ଧୀରେ      ତପନ ଗଗନେ,
ଉତ୍ସବ ଉଲ୍ଲାସ ତରୁଣ ବୁକେ,
ଯୁଦ୍ଧବାଦ ସ୍ମରଣେ      ଥରଇ ମରମ
ସରମ-ଚକିତ-ପୀରତି-ସୁଖେ ।

ଜଳ ପଡ଼େ ରବ      ପ୍ରହରୀ-ଜଗନେ
କୁମାର-ପରାଣ ପ୍ରବାହେ ଥରେ,
ନ ଜାଣଂତି ବୀର      କେସନେ ଆସିଲେ
କୃଷକ ମହଲେ କି ପଥ ଧରି ।

ଚରଜ ଭୁଇଂଗ,      ଦେଖିଲେ, କୃଷକ
ଅଧବାଟେ ଥିଲେ କୁମାରେ ରୁନ୍ଧି,
'ଜାଣଂତି କି ସତେ'      ଖଳ ଚମକିଲେ,
ନମିଷେ କୁମାର ଅଲପ ରହି ।

କିବା ଭସେ ଭୁଲି      ମଣିଲେ ପୁଣି ସେ,
'କିପାଇଁ ଜାଣିବେ କୃଷକପତି ?'
ମଞ୍ଜୁଥାଂତି କେବେ,      'ଜାଣଂତି ସେ ଅବା,'
ଚଳନେ ଥରଇ ତରୁଣ-ଗାତ ।

ଆହା ସେ ପୀରତି      କି ବିଚିତ୍ର ରସ ।
ଜଗତ ମୁକୁରେ ଦେଖାଇ ମୁଖ,
ଗାମସେ ତପନେ      ଜଳେ ସ୍ଥଳେ ନଭେ
ଝୁଲଇ ପୀରତି ସ୍ୱପନ-ସୁଖ ।

ସରମ ସଂକୋଚେ      ସେ ପୀରତି ପୁଣି
ଗୋପନ-ମନ୍ଦିରେ ମରମେ ଥରେ,
ଆପଣେ ଆଚରି      ଛଳନା ନମିଷେ,
ମୋହନ ସେ ଭସେ ତରୁଣ ଭୁଲେ ।

ଯେସନ୍ତ ଭସେ ବୁଡ଼ି      ଦେଖିଲେ, ନାହାଂତି
କୃଷକ ସଂଗତେ ବଜର-ବୀର,
ଯାବ ଫୁଲ ଯୁବା      ଗୁଲଂତି ଅଲକ୍ଷ୍ୟେ,
ଥକ୍କିଗଲେ ଦେଖି କୃଷକ ପୁର ।

ଭେଟିଲେ ଭବନ,      ନାହାଂତି ଦୁଆରେ
କହିଁ ବୀରମଣି ବଜର ଯୁବା ?
ଅଳପେ କୁମାର      ପୃଚ୍ଛି ଆରଂଭିଲେ;
ନ ଜାଣଂତି ସେହୁ ପୁଚ୍ଛିଲେ କିବା ।

"ଅଧୀର କହିଁଇ      ଦେଖିବ ଭବନେ,"
ଶୁଣି ଫୁଟେ ମୁଖେ ସରମ-ଲେଖା,
ପଶିଲେ ଭବନେ      କୃଷକ-ଶେଖର
ଅନୁସରି ବୀର ପଶିଲେ ଏକା ।

ଭବନୁ ଭବନ      ପାରି ହେଲେ କେତେ,
ଅନୁଚର ଆଉ ନାହାଂତି କେହି,
ବିରସେ କୁମାର      ଥରଂତି ମରମେ,
ପ୍ରବାଣ ସେ ରସ ବୁଝିବେ କାହିଁ ?

ଏହି ତବ ଧୂଳି      ପ୍ରଣମୁ ଦେଶରେ,
ଏହି ତବ ଦୂତ ଦମ୍ପତି-ପାଖେ ।
ସତେ ଅନୁମାନେ      ତରୁଣ-ସ୍ମରଣେ
ବୁଝିବେ ପ୍ରବାଣ ତରୁଣ-ଗନ୍ଧେ ।

ବିଚିତ୍ର କରମ      ତବ ଧୂଳିଖାଳା,
ବିଚିତ୍ର ପୀରତି-ଉଆଣ ତବ ।
କି ଆଶେ ଯୁବକ      ଯାଞ୍ଚ ଅନୁସରି,
ସଂଗ୍ରାମ ପରାଣେ କି ଗୁଡ଼ ଭାବ ?

ଅଂଦର ମହଲେ      ହେଲାଣି ତ ଆସି,
ନ ପଶୁଛି ପଥ ଯାଉଛି କହି;
ଔଷ୍ଠ ଭରି ଏତେ      ପଲକେ ପଲକେ
ଚଉପାଶେ କହିଁ ଦେଖୁଛ ଯୁହିଁ ?

ମରମେ ମରମେ      କି ହେଉଛି ଏବେ,
ଥରିଯାଏ ତବ ବସାଂଗ ଯୁବା ?
ଘୁଂଚିଗଲେ ପାଶେ      କୃଷକ ଅଳକେ,
ଦେହଳୀ ଆଦରି କୁମାରୁ ଉଭା ।

ସ୍ୱପ୍ନେଁ ପାରିବ କି          କୁମାର ସଲଖେ ?
ପରତେ କି ଯିବ ନୟନେ ଲବେ ?
ଏହି କି ତବ ସେ          ଉପଳ-ତରୁଣୀ ?
ବଜର-ଯୁବକ ବାହାଂଶ ଏବେ ?

ମରମ-ଚମକେ          ଥରିଗଲେ ବୀର,
ଚକିତେ ରହିଲେ ରମଣୀ ସ୍ୱପ୍ନେଁ,
ସେ ଚକିତ-ରସେ          ତରୁଣ-ବିଳାସ
କଏ ସେ କହିବ, ବଚନ ବହି ?

ପରାଣି ବାସନା          ସ୍ମରଣ-ଚମକେ
ଖସିଗଲା ଧରି ବିଶାଳଧାରା,
ପଲକ-ବିସ୍ମୃତ          ପରାଣ-ପୁଲକେ
ସମାନ ଦିଶିଲା ଗଗନ ଧରା ।

ଫୁଲିଗଲା ନାସା,          ଫିଟିଲା ରୋମାଂଚ;
ରହିଗଲେ ବୀର ମରମେ ଥରି,
ତରଳ ଲୋଚନେ          ତରଳ କି ଭାବେ
ପଦେ ସରିପିଲେ କଣ୍ଠ ନାଶି ।

ପୁରତେ ଉଭନେ          ଦେଖିଲେ କୁମାର
ବଜର-କବଚ ଦିଶଇ ଚୋରି,
କହିଲେ ପ୍ରବୀଣ,          "ଏହି ତବ ବୀର,
ବଜର ଯୁବକ, ବଜର ବାଳା ।"

ଫିଟିଗଲା କେତେ          ପ୍ରବୀଣ ବଚନେ
ନାହିଁ ଛନ୍ଦ କଥା, ବଜର-ଗାଥା ।
"କାଳକାର ଦୋଷ          ନ ଧରିବ ବୀର,
ଅଛି ଏ ବରଣେ ଜନକ ମତ ।"

ତରୁଣ-ବିଳାସେ          କି ପୁରୁଷ ସତେ
ପ୍ରବୀଣ-ବସ୍ତୁର-ଭୁଲନ-ଖେଳ ।
କପାଁଇ କୃଷକ          କହିଯାଅ ଏତେ ?
ଶୁଣିବାକୁ ବୀରେ ଅଛି କି ବଳ ?

ଶେଷ ଲେଖା ପରି          ଏବେ ଖାରବେଳ,
କହିଯାଏ ସ୍ୱେଦ-କୁଟିଳ-ଧାରା ।
ଭେଟି ବୀରପଦେ          କଣ୍ଠ ଲଳନା,
ଥରି ଥରି ଉଠେ ବସାଂଗ ଭରା ।

ଘନ ଧାରେ ଝରି          ପାଟଳ କପୋଳେ,
ଗଦ ଗଦ ଫିଟି, ପଡ଼ଇ ତଳେ;
ତରୁଣୀ ଲପନେ          ବହୁ ଯତ୍ନ ବହି;
କେବେ କେବେ ବୀର ସ୍ୱହାଂଶ ଥରେ ।

ବହୁ ଯତ୍ନେ ଏବେ          ଦକ୍ଷିଣ ଶ୍ରୀକରେ
ଧାଇଲେ ରମଣୀ ଦକ୍ଷିଣ କର,
କଂପନେ କଂପନେ          ଉଠିଲା ପଡ଼ିଲା,
ତରୁଣ-ତରୁଣୀ-ରୋମାଂଚ-ଖେଳ !

ମୁଂଡ ପୋତିଦେଲେ          ସୁଂଦରୀ କି ରଂଗେ,
କେସନ ଦିଶିଲେ ପୁରୁଷମଣି,
ଗଦ ଗଦେ କପାଁ          ଫିଟିଲା ସଘନେ
ସୁଂଦରୀ-ରୋଦନ-ମୋହନ ଠାଣି ।

କେସନ ସେ ନବ          ବସାଂଗ-ଯୁଗଳେ
ଢଳ ଢଳ ଦିଶେ ମରମ-ଧାରା,
କି ସଂଗୀତ-ରସେ,          କି ଭାରତୀ ବହି
କଏ ଗାଇବ ସେ ଇଂଗିତ-ଲୀଳା ?

ହାତ ଧରି ବୀର          ଅଦୂରେ ତଳପେ
ଗୁରୁଶ୍ୱାସ ଗୁଡ଼ି ବସିଲେ ଧୀରେ;
ଭେଟିଲା ଜନତା          ସେ ନବ ଦଂପତି
ଉତ୍ସବ-ବିଭବେ କୃଷକ-ପୁରେ ।

# ଟୀକା

## ପ୍ରଥମ ଛାନ୍ଦ

ପଟଳ—ମେଖଳା = ପ୍ରାଚୀନ ସିନ୍ଧୁନଦୀ ମୁହାଣର 'ପାତାଳ' ନଗରକୁ ସୁଗ୍ରାବ୍ୟ ହେବ ବୋଲି ପଟଳ କୁହାଯାଇଅଛି । ଏହା ବର୍ତ୍ତମାନ 'କରାଚି' ସହରର ପ୍ରାୟ ୨୫କୋଶ ଉତ୍ତର ପଶ୍ଚିମକୁ ଥିଲା । ସେତେବେଳେ ପାତାଳ ପାଖେ ସିନ୍ଧୁନଦୀର ମୁହାଣମାନ ଥିଲା । ଏବେ ପଟୁ ପଡ଼ି ଜମି ସମୁଦ୍ର ଭିତରକୁ ମାଡ଼ି ଗଲାଣି । ସାଦି = ଅଶ୍ୱାରୋହୀ, ଘୋଡ଼ା ସଓ୍ୱାର, । କଦଂବ = ଘୋଡ଼ାର କଦଂବ ସ୍ଥଳ । ପ୍ରତିକାଶ = ପ୍ରତିବିଂବ ।

## ଦ୍ୱିତୀୟ ଛାନ୍ଦ

ଚଂଦ୍ରଦୀପ = ଚଂଦ୍ରଉହ୍ନଆ, ଏକ ପ୍ରକାର ଆତସ-ବାଜ ଆଲୁଅ ।

ମାରବ ସିକତା···ମେଘ—ସାହାରା ପ୍ରଭୃତି ମରୁ-ଭୂମିରେ ମେଘ ଉଠାଏ; ମାତ୍ର ବତାଚିତ୍ ସାମାନ୍ୟ ବିଂଦୁପାତ ଛଡ଼ା ଆଉ କିଛି ହୁଏ ନାହିଁ । ମାରବ = ମରୁଭୂମି ସମ୍ବନ୍ଧୀୟ ।

ମେରୁ ପରବତ···ଯାଏ ମାଡ଼ି—ଏଠାରେ ହିମାର ବାହୁ ( Avalanche )କୁ ଲକ୍ଷ୍ୟ କରାଯାଇଅଛି, ବରଫଶିଖରଗୁଡ଼ିକୁ ବଡ଼ ସୁଂଦର ଦିଶୁଥାଏ । ସମୟ ସମୟରେ ମାଧ୍ୟାକର୍ଷଣ (ପାତ) ପ୍ରଭାବରେ ହଠାତ୍ ଛିଡ଼ି ପଡ଼ି, ଗାଁ, ସହର, ବିଲ, ବଣ ସବୁ ନଷ୍ଟ କରିଦିଏ । ଯେଉଁମାନେ ଶୋଭା ଦେଖୁଥାଂତି ସେହିମାନେ ହିଁ ନଷ୍ଟ ହୁଅଂତି ।

## ତୃତୀୟ ଛାନ୍ଦ

ଚିନ = ଧିସିର ଗୋଟିଏ ସହଚରୀ, ଦ୍ରାବିଡ଼ ବୃଷକ = ବାଳକାର ନାମ ।

## ଚତୁର୍ଥ ଛାନ୍ଦ

ଯବନ—ଗ୍ରୀସ୍ ଦେଶଲୋକଂକୁ ଭାରତୀୟମାନେ ପ୍ରଥମେ ଯବନ ( ୟୁବନ ) କହୁଥିଲେ । ପରେ ଯେ କୌଣସି ପଶ୍ଚିମ ଦେଶ ଲୋକଂକୁ ସେହି ନାମରେ କହିଲେ ।

ଅନୂପ, ଅନୂପଭୂମି = ଉପକୂଳର ନିମ୍ନଭୂମି, ନଦୀ ମୁହାଣ ପଟୁରେ ତିଆରି ହୋଇଥିବା ଭୂମି, Delta । କୁମୁଦ କୁଂକୁମ···ରଂଗ = ଫିକାରଂଗ ବା ପାଂଣ୍ଡୁରତା ଓ ରକ୍ତିମାର ମିଶ୍ରଣ, ନିଦ୍ରାଶୀ ବା ଭୟ ଓ ବ୍ରୀଡ଼ାରେ ଯେ ରଂଗ ପ୍ରକାଶ ପାଏ ।

## ଷଷ୍ଠ ଛାନ୍ଦ

ବାଣିଜ୍ୟ-ପବନ = ଯେଉଁ ପବନରେ ସମୁଦ୍ର-ବାଣିଜ୍ୟର ସୁବିଧା ହୁଏ ଓ ବଣିକମାନେ ଜାହାଜ ଛାଡ଼ଂତି ତାକୁ ଆଗେ ବାଣିଜ୍ୟ-ପବନ କହୁଥିଲେ ।

## ସପ୍ତମ ଛାନ୍ଦ

କୁଟଜ = ପିତା କୋରମା (କୋରୁହାଁ) ଫୁଲ । ଏ ଫୁଲ ଫୁଟିଲେ, ବଣରୁ ଖଂଡେ ଖଂଡେ ଏକାବେଳକେ ଧଳା ଦେଖାଯାଏ ।

ଜୈତ୍ର = ଜୟଶୀଳ, ଯାହାଯୋଗେ ଜୟ ହୁଏ, ଜୟର ଲକ୍ଷଣ ପର ।

## ଅଷ୍ଟମ ଛାଂଦ

ଅଭିଯାନ = ଯୁଦ୍ଧଯାତ୍ରା

## ନବମ ଛାଂଦ

ଦ୍ରାବିଡ଼-ବାହ୍ମନୀ-ପତି = କୃଷକ ସେନାପତି ।

## ଏକାଦଶ ଛାଂଦ

ପୁର = ନଗର ପରି ପୁର ବୋଲି ବେଲୁଚିସ୍ଥାନ ଦକ୍ଷିଣକୁ ସମୁଦ୍ରକୂଳେ ଗୋଟିଏ ରାଜ୍ୟ ଥିଲା ।

## ଦ୍ୱାଦଶ ଛାଂଦ

ଯବନପୁର—ଗ୍ରୀସ୍ ଓ ମିଶରର ରାଜଧାନୀ ଏଥେନ୍ସ୍ ଓ ଆଲେକ୍‌ଜାଂଡ୍ରିଆକୁ ଭାରତୀୟମାନେ ଯବନପୁର ବୋଲି କହୁଥିଲେ । ଏଠାରେ ଗ୍ରୀସ୍ ଛାଡ଼ିଲେ ବୁଝିବାକୁ ହେବ ।

ସ୍ୱପନେ ଆତ୍ମଲଭ···ଖଣ୍ଡ—ଏଠାରେ ଗ୍ରୀକ୍ ମନୀଷୀ ସକ୍ରେଟିସ୍‌ଙ୍କ ପ୍ରତି ଲକ୍ଷ୍ୟ କରାଯାଇଅଛି । ସକ୍ରେଟିସ୍ ଗ୍ରୀସ୍‌ଦେଶରେ ଆତ୍ମା ଅମର ଓ ଈଶ୍ୱର ଏକ ବୋଲି ପ୍ରଥମେ ପ୍ରଚାର କରି, ରାଜ୍ୟରେ ଦୋଷୀ ହୋଇ, ପ୍ରାଣଦଂଡ ପାଇଥିଲେ । ପ୍ରାଣଦଂଡରେ ହେମଲକ ସେ ଦେଶରେ ବିଷ ପିଆଇ ଦିଆ-ଯାଉଥିଲା । ସକ୍ରେଟିସ୍ ରାଜ୍ୟର ଆଦେଶ ବୋଲି ସେ ବିଷ ଆନଂଦରେ ପାନ କରିଥିଲେ ।

କାଂଥି ଘନେ···ପୁର—ଶରତ୍ କାଳ ସଂଧ୍ୟାରେ କାଂଥି କଳାମେଘରେ ବିଜୁଳି ବଡ଼ ସୁଂଦର ଦେଖାଯାଏ; ମାତ୍ର ଅଳ୍ପ ମେଘ ବା ଶୂନ୍ୟ ପ୍ରାୟ ଆକାଶରେ ଚଡ଼କ କଡ଼ି ଭୟଂକର ହୁଏ ।

## ତ୍ରୟୋଦଶ ଛାଂଦ

ସିଂଧୁବାହୀଗିରିନଦୀ—ସିଂଧୁନଦୀକୁ ବହି ଯାଉ-ଥିବା ସ୍ରୋତ ନଈ ।

## ଚତୁର୍ଦଶ ଛାଂଦ

ସୁଧାଂଶୁ-ମଂଡଳ—ଚଂଦ୍ରମଂଡଳ ବା ପରିବେଶ, (ଚଂଦ୍ରଙ୍କ କୁଢ଼େ) ।

ଏହି ମଂଡଳ ପଡ଼ିଲେ ନିକଟରେ ବର୍ଷା ହେବ ବୋଲି କୃଷକମାନେ ଅନୁମାନ କରଂତି । ଏହା ବର୍ଷା ବା ଆଦ୍ୟ ଶରତ୍‌ରେ ଚଂଦ୍ର ଓ ସୂର୍ଯ୍ୟ ଚାରିପାଖେ ଗୋଟିଏ ବୃତ୍ତ ପରି ଦେଖାଯାଏ ।

ଗୋପନେ ଲୁଚାଇ ଦଳେ······ବିକଳ—ପ୍ରଜାପତି, ପିଲାଖାଇ ବଂଶବା ଭଳି ଗଛର ପତ୍ରରେ ଡିଂବ ଲୁଚାଇ ରଖିଦେଇ ଚାଲିଯାଏ । ଡିଂବର ସମୟ ହେଲେ, ତାହା ଫାଟେ । ସେଥିରୁ ଶୁଆବାଳ ( ସଅଁ କାଳୁଆ ) ପରି ପିଲା ବାହାରେ । ସବୁ ପ୍ରଜାପତି ପିଲାରେ ଅବଶ୍ୟ ରୁମ ନ ଥାଏ । ସେହି ପିଲାମାନେ ସେହି ଗଛ ପତ୍ରକୁ ଖାଇଯାଇ, ଗଛକୁ ଅସୁଂଦର ଓ ଲୁଣ୍ଠିତ କରି ଦିଅନ୍ତି । ସଜନା, ଗଂଭାରୀଡ଼ାଳ ଗଛ, କୋବି ଶାଗ ପ୍ରଭୃତିରେ ଏହା ସହଜରେ ଦେଖାଯାଇ ପାରେ ।

## ଷୋଡ଼ଶ ଛାଂଦ

ପଲକେ ଥର ଥର —ଏଠାରେ ତାରାର ମିଟ୍ ମିଟ୍ ହେବାକୁ ଲକ୍ଷ୍ୟ କରା ଯାଇଛି । ଗ୍ରହଠାରୁ ତାରାର ଏହି ପ୍ରଭେଦ ।

'ପଲକେ' ଠାରେ ( ପୁଲକେ ) ମଧ୍ୟ ପଢ଼ା ଯାଇପାରେ ।

## ଊନବିଂଶ ଛାଂଦ

ଚିକୁର = ବାଳ, ଏଠାରେ ଦାଢ଼ିର ନୂତନ ଲୋମ ।

## ବିଂଶ ଛାଂଦ

ଅନୁରାଗ କଜ୍ଜ୍ୱ······ନଈବାଲି —ଶୀତକାଳରେ ଚଂଦ୍ରର ଉତ୍ତରାୟଣ ହୁଏ ।

## ଏକବିଂଶ ଛାଂଦ

ଦକ୍ଷିଣୁ ବାମରେ ଲେଖେ ପଡ଼ଂତି ଅକ୍ଷରେ—ସେ କାଳରେ ପଶ୍ଚିମ ପଞ୍ଜାବ ଓ ଆଫଗାନିସ୍ଥାନ ପ୍ରଭୃତିରେ ଯେଉଁ ଅକ୍ଷରରେ ଲେଖା ଯାଉଥିଲା ତାହା ଡାହାଣରୁ ବାଁ ଆଡ଼କୁ ଲେଖିବାକୁ ଓ ପଢ଼ିବାକୁ ହେଉଥିଲା । ଏହାକୁ ଏବେ ଐତିହାସିକମାନେ 'ଖରୋଷ୍ଠୀ' ଲିପି ବୋଲି କହୁଛଂତି ।